

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୬୫ ● ୫ ଅପ୍ରେଲ ୨୦୨୬ ରବିବାର ● ଭୁବନେଶ୍ୱର ● Vol -33 ● Issue-65 ● 5th April 2026, Sunday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

# ରାଜ୍ୟ କ୍ୟାବିନେଟ୍‌ରେ ୧୬ ପ୍ରସ୍ତାବକୁ ମଞ୍ଜୁରୀ

ଭୁବନେଶ୍ୱର, ୪।୪
ନ୍ୟୁଜ୍ ବ୍ୟୁରୋ

ଶନିବାର ରାଜ୍ୟ ମନ୍ତ୍ରୀମଣ୍ଡଳ (କ୍ୟାବିନେଟ)ର ୩୭ ତମ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ପରେ ମୁଖ୍ୟମନ୍ତ୍ରୀ କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ମୁଖ୍ୟମନ୍ତ୍ରୀ ଏସଟିଏସସି ବିଭାଗର ଗୋଟିଏ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ସମ୍ପର୍କରେ ବିବୃତ୍ତି ଦେଇଥିବା ବେଳେ ଅନ୍ୟ ସମସ୍ତ ୧୪ ଟି ପ୍ରସ୍ତାବ ଉପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ସୂଚନା ଦେଇଥିଲେ ।

କ୍ୟାବିନେଟ ବୈଠକରେ ୧୯ ଟି ପ୍ରସ୍ତାବ ଆଗତ କରାଯାଇଥିଲା । ତନ୍ମଧ୍ୟରୁ ମୋଟ ୧୩ ଟି ବିଭାଗର ୧୬ ଟି ପ୍ରସ୍ତାବ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଥିଲା ।

ଓଡ଼ିଶାର ମେଡ଼ିକାଲ, ଇଞ୍ଜିନିଅରିଂ, ଅନ୍ୟାନ୍ୟ ଉଚ୍ଚଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷା ପାଠ୍ୟକ୍ରମରେ ନାମଲେଖା ପାଇଁ ସଂରକ୍ଷଣ ନୀତିରେ ଶନିବାର ରାଜ୍ୟ କ୍ୟାବିନେଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟର ଅନୁସୂଚିତ ଜନଜାତି ୨୨.୫୦ ପ୍ରତିଶତ, ଅନୁସୂଚିତ ଜାତି ୧୬.୨୫ ପ୍ରତିଶତ ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗ ଛାତ୍ରଛାତ୍ରୀମାନେ ୧୧.୨୫ ପ୍ରତିଶତ ସଂରକ୍ଷଣ ପାଇବେ ।

ଏହି ସଂରକ୍ଷଣ ବ୍ୟବସ୍ଥା ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସେମାନଙ୍କର ଅନୁବନ୍ଧିତ କଲେଜ ଓ ଶିକ୍ଷାନୁଷ୍ଠାନ, ଆଇ.ଟି.ଆଇ ଏବଂ ପଲିଟେକ୍‌ନିକ୍ ଗୁଡ଼ିକରେ ପ୍ରଦାନ କରାଯାଉଥିବା (ପୃଷ୍ଠା ୭ରେ)



■ ଏସ୍‌ସି/ଏସ୍‌ଟି, ଓବିସିଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂ ଶିକ୍ଷାରେ ସଂରକ୍ଷଣ ଲାଗୁ
■ କାର୍ଯ୍ୟକାରୀ ହେବ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା

# ବୈଶ୍ୱିକ ଝଟ୍‌କା : ଆମ ସହନଶୀଳତାର ପରୀକ୍ଷା ନେଇଛି

ରାୟପୁର, ୪।୪

ବୈଦେଶିକ ମନ୍ତ୍ରୀ ଡ଼ଃ ଏସ୍. ଜୟଶଙ୍କର କହିଛନ୍ତି, 'ଆମେ ବର୍ତ୍ତମାନ ବିଶ୍ୱର ଶୀର୍ଷ ପାଞ୍ଚଟି ଅର୍ଥନୀତି ମଧ୍ୟରେ ଅନ୍ତର୍ଭୁକ୍ତ । ଶେଷ କିଛି ସମୟରେ ଘଟିଥିବା ଅନେକ ବିଶ୍ୱସ୍ତରୀୟ ଝଟ୍‌କା ଆମ ସହନଶୀଳତାକୁ ପରୀକ୍ଷା କରିଛି ଏବଂ ଭାରତ ସେଥିରୁ ଆହୁରି ଶକ୍ତିଶାଳୀ ଭାବେ ବାହାରିଛି । ଆମେ ଦେଶୀୟ ଏବଂ ବାହ୍ୟ ଉଭୟ ପ୍ରକାରର ଚ୍ୟାଲେଞ୍ଜକୁ ସଫଳତାର ସହିତ ପରିଚାଳନା କରିଛୁ ।'

ବୈଦେଶିକ ମନ୍ତ୍ରୀ ଡ଼ଃ ଜୟଶଙ୍କର ଶନିବାର ଭାରତୀୟ ପ୍ରବନ୍ଧନ ସଂସ୍ଥାନ (ଆଇଆଇଏମ) ନୂତନ ରାୟପୁର ଅବସ୍ଥିତ କ୍ୟାମ୍ପସରେ ୧୫ତମ ବାର୍ଷିକ ଦୀକ୍ଷାନ୍ତ ସମାରୋହକୁ ସମ୍ବୋଧନ କରିଛନ୍ତି । ଏହି ସମାରୋହରେ ବିଭିନ୍ନ ପ୍ରୋଗ୍ରାମର ୫୫୨ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା, ଯାହାମଧ୍ୟରେ ପ୍ରମୁଖ ଏମବିଏ ପ୍ରୋଗ୍ରାମର ୩୧୪, ଏକଜିକ୍ୟୁଟିଭ୍ ଏମବିଏ ପ୍ରୋଗ୍ରାମର ୨୩୦ ଏବଂ ୮ ଜଣ ଡକ୍ଟରେଟ୍ ଗବେଷକ ଅନ୍ତର୍ଭୁକ୍ତ ଥିଲେ । ଏହି ଅବସରରେ ଭାରତର ବୈଦେଶିକ ମନ୍ତ୍ରୀ ଡ଼ଃ ଏସ୍. ଜୟଶଙ୍କର ମୁଖ୍ୟ ଅତିଥି ଭାବେ ଯୋଗଦେବା ସହ ଦୀକ୍ଷାନ୍ତ ଭାଷଣ ଦେଇଥିଲେ ।



ଦୀକ୍ଷାନ୍ତ ସମାରୋହକୁ ସମ୍ବୋଧନ କରି ବୈଦେଶିକ ମନ୍ତ୍ରୀ ଡ଼ଃ ଜୟଶଙ୍କର କହିଛନ୍ତି, 'ଏହି ସ୍ନାତକ ବ୍ୟାଚ୍ ନିଜକୁ ଭାଗ୍ୟଶାଳୀ ମନେ କରିବା ଉଚିତ, କାରଣ ସେମାନେ ସେହି ପିଢ଼ିର ଅଂଶ ଯେଉଁଥିରେ 'ବିକଶିତ ଭାରତ' ଲକ୍ଷ୍ୟକୁ ସାଧନ କରିବାକୁ ନିର୍ଦ୍ଧାରିତ । ଆପଣମାନେ ଗତ ଏକ ଦଶକର ଦୃଢ଼ ପ୍ରଗତି ଓ ଉନ୍ନତିର ଲାଭାନ୍ୱିତ । ଆପଣମାନେ ସେହି ପ୍ରଯୁକ୍ତି ଓ ସୂଚନାର ସୁବିଧା ପାଇଛନ୍ତି, ଯାହାକୁ ଗୋଟିଏ ପିଢ଼ି ପୂର୍ବରୁ କଳ୍ପନା କରିବା ମଧ୍ୟ କଷ୍ଟକର ଥିଲା । ଏହା ସହିତ, ଆପଣମାନେ ସେହି ବିଶ୍ୱାୟନ ଯୁଗରେ ବଢ଼ିଛନ୍ତି, ଯାହା ଆପଣଙ୍କୁ ସମଗ୍ର ବିଶ୍ୱ ସହିତ ଗଭୀର ଭାବରେ ଯୋଡ଼ିଛି । ଆଜି ଭାରତ ତାହାର ବିକାଶ ଯାତ୍ରାରେ ଏକ ବଡ଼ ଲମ୍ଫ ନେବା ପାଇଁ ପ୍ରସ୍ତୁତ ଏବଂ ଆପଣମାନଙ୍କ ଏହି ଦଳ ସେହି ପ୍ରୟାସର ନେତୃତ୍ୱ କରିବ । ଆପଣଙ୍କ କୌଶଳ ଆମ ଦେଶକୁ ସମୃଦ୍ଧିର ଦିଗରେ ଆଗକୁ ନେବାରେ ସାହାଯ୍ୟ କରିବ ।'

# ଉନ୍ନୟନ ପ୍ରକଳ୍ପ କାର୍ଯ୍ୟାନ୍ୱୟନର ସମୀକ୍ଷା କଲେ ପୂର୍ତ୍ତ ମନ୍ତ୍ରୀ

ଭୁବନେଶ୍ୱର, ୪।୪
ନ୍ୟୁଜ୍ ବ୍ୟୁରୋ

ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ଉନ୍ନତ ସ୍ଥିତିରେ ରହିଛି । ବର୍ତ୍ତମାନ ରାଜ୍ୟରେ ଅନେକଗୁଡ଼ିଏ ବୃହତ ପ୍ରକଳ୍ପ ଚାଲୁ ରହିଥିବାବେଳେ ଆଗାମୀ ଦିନରେ ଆହୁରି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ । ରାଜ୍ୟର ଜନସାଧାରଣଙ୍କୁ ସର୍ବଶ୍ରେଷ୍ଠ ଓ ଗୁଣାତ୍ମକ ସୁବିଧା ଯୋଗାଇବା ନିମନ୍ତେ ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି, ସେହି ଅନୁସାରେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରକାଶ କରିଛନ୍ତି ।

ଶନିବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ରାଜ୍ୟରେ ଚାଲୁ ରହିଥିବା ରାଜ୍ୟ ରାଜପଥ ପ୍ରକଳ୍ପ, ଓବିସିସି ଅଧୀନରେ ଥିବା ବିଭିନ୍ନ ପ୍ରକଳ୍ପ, ଭୁବନେଶ୍ୱର, ସମ୍ବଲପୁର, କଟକ, ରାଉରକେଲା, ପୁରୀ, ବାଲେଶ୍ୱର, କେନ୍ଦୁଝର ଏବଂ ବ୍ରହ୍ମପୁର ଆଦି ସହରରେ ଗମନାଗମନ କ୍ଷେତ୍ରରେ ଭିଡ଼ ହ୍ରାସ ପାଇଁ ଜାରି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ଆଲୋଚନା କରିଥିଲେ । ବୈଠକରେ ଆଗାମୀ ତିନି ବର୍ଷ ପାଇଁ ଯୋଜନା ପ୍ରସ୍ତୁତ କରି ଏହାର ରୂପାୟନ, ପ୍ରମୁଖ ମନ୍ଦିରଗୁଡ଼ିକର ଉନ୍ନତିକରଣ, ରାସ୍ତାଗୁଡ଼ିକର ପ୍ରଶସ୍ତିକରଣ, ନିୟମିତ ମରାମତି ସହ ରାସ୍ତା ପାର୍ଶ୍ୱରେ ସର୍ବନିମ୍ନ ସୁବିଧା ପାଇଁ 'ୱେ ସାଇଟ୍ ଆମିନିଟି ସେଣ୍ଟର' ନିର୍ମାଣ ନେଇ ଆଲୋଚନା ହୋଇଥିଲା । ଏଥି ସହିତ ଗ୍ରାମ୍ୟ ଉନ୍ନୟନ ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଥିବା ପ୍ରାୟ ୩୩୦୦ କିମି ରାସ୍ତାର ଉନ୍ନୟନ କାର୍ଯ୍ୟକୁ ତ୍ୱରିତ ଗତିରେ ଆଗେଇ ନେବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀ ଏବଂ ଇଞ୍ଜିନିୟରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ମନ୍ତ୍ରୀ (ପୃଷ୍ଠା ୭ରେ)



# କରଞ୍ଜିଆରେ ଘୂର୍ଣ୍ଣିଝଡ ମୃତ୍ୟୁ ସଂଖ୍ୟା ୪କୁ ବୃଦ୍ଧି

ମୟୂରଭଞ୍ଜ, ୪।୪
ନ୍ୟୁଜ୍ ବ୍ୟୁରୋ

ମାର୍ଚ୍ଚ ୧୫ ତାରିଖରେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ୍ କଙ୍କଡ଼ା ନିକଟରେ ହୋଇଥିବା ଘୂର୍ଣ୍ଣିଝଡ଼ରେ ଗୁରୁତର ଆହତ ହୋଇଥିବା ଜଣେ ଯୁବକଙ୍କର ଶନିବାର ମୃତ୍ୟୁ ଘଟିଛି । ତାଙ୍କ ନାଁ ରାମ ମାଝୀ । ତାଙ୍କୁ ୩୧ ବର୍ଷ ହୋଇଥିଲା । ଏହା ସହିତ ଏହି ଘଟଣାରେ ମୃତ୍ୟୁ ସଂଖ୍ୟା ୪କୁ ବୃଦ୍ଧି ପାଇଛି ।

ଘଟଣା ଦିନ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଗତ ସପ୍ତାହରେ (ପୃଷ୍ଠା ୭ରେ)

# ସବୁ ଘରୋଇ ସ୍କୁଲ୍ ସରକାରୀ ନିୟମ ମାନିବାକୁ ବାଧ୍ୟ

ଭୁବନେଶ୍ୱର, ୪।୪
ନ୍ୟୁଜ୍ ବ୍ୟୁରୋ

ସବୁ ଘରୋଇ ସ୍କୁଲ୍ ସରକାରୀ ନିୟମ ମାନିବା ଜରୁରୀ । ଭିନ୍ନ ଭିନ୍ନ ପବ୍ଲିକେସନ୍ ପୁସ୍ତକ ପଢ଼ାଯାଉଥିବା ନେଇ ମତ ରଖିଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଘରୋଇ ସ୍କୁଲ୍ ମନମାନୀ କଲେ କାର୍ଯ୍ୟାନୁଷ୍ଠାନ ହେବା ନେଇ ଚେତାବନୀ ଦେଇଛନ୍ତି ମନ୍ତ୍ରୀ । ଘରୋଇ ସ୍କୁଲର ମନମାନୀ ଉପରେ ଏବେ ସରକାର କଡ଼ା ନଜର ରଖିଛନ୍ତି । । ବହି ବିକ୍ରି ନାଁରେ ଅଭିଭାବକଙ୍କ ପକେଟ୍ କାଟୁଥିବା ସ୍କୁଲଗୁଡ଼ିକୁ ଚେତାବନୀ ଦିଆଯାଇଛି । ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଏଣିକି ଘରୋଇ ସ୍କୁଲରେ ଏନସିଇଆରଟି ବହି ପଢ଼ାଯିବା ବାଧ୍ୟତାମୂଳକ ହେବ ।

ଆହୁରି ମଧ୍ୟ ମନ୍ତ୍ରୀ କହିଛନ୍ତି ଯେ, କେତେକ ବେସରକାରୀ ଶିକ୍ଷାନୁଷ୍ଠାନ ଅଧିକ ଲାଭ ଆଶାରେ ନିଜସ୍ୱ ବହି ପଢ଼ିବାକୁ ପିଲାଙ୍କୁ ବାଧ୍ୟ କରୁଛନ୍ତି । ଯାହା ଶିକ୍ଷା ନୀତିର ଖୋଲାଖୋଲି ଉଲ୍ଲଂଘନ । ନୂତନ ଜାତୀୟ ଶିକ୍ଷା ନୀତି ଅନୁସାରେ ପିଲାମାନେ ଏନସିଇଆରଟି ବହି ପଢ଼ିବା ଆବଶ୍ୟକ, ଯାହା ସୁଲଭ ମୂଲ୍ୟରେ ଉପଲବ୍ଧ । ଏଣିକି ଏଭଳି ମନମାନି ଉପରେ ଅଙ୍କୁଶ ଲଗାଇବାକୁ ବିଭାଗ ରୋଡମ୍ୟାପ୍ ପ୍ରସ୍ତୁତ କରୁଛି । ଖୁବଶୀଘ୍ର ଏଥିପାଇଁ ବିଧିବଦ୍ଧ ନିର୍ଦ୍ଦେଶନାମା ଜାରି ହେବାକୁ ଯାଉଛି ।



## ଆଜିର ମୁଖ୍ୟ ଖବର

- ଗଞ୍ଜାମରେ ବିଦ୍ୟାଳୟ ଭବନ ନଥିବାରୁ ଛାତ୍ରଛାତ୍ରୀ ଗଛ ତଳେ ପଢୁଛନ୍ତି ।
- ଭଦ୍ରକରେ ଟ୍ରାକ୍ଟର ଓ ମୋଟରସାଇକେଲ ଧକ୍କାରେ ଦୁଇଜଣଙ୍କ ମୃତ୍ୟୁ ।
- ବାଲେଶ୍ୱରରେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣରେ ଅଗ୍ନିକାଣ୍ଡ, ତିନିଜଣ ଆହତ ।
- ସମ୍ବଲପୁରରେ ନିର୍ବାଚନ ପ୍ରଚାର ସମୟରେ ଯାନବାହନ ଉପରେ ଆକ୍ରମଣ ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୦୯୩ (+୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩, ୮୩୫ (+୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୩୨୦ (+୦)

## ରୁପା ଦର

ରୁପା – ପ୍ରତି ଗ୍ରାମ ୨୫୫ (+୦)

# ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ



ଭୁବନେଶ୍ୱର, ୪।୪
ନ୍ୟୁଜ୍ ବ୍ୟୁରୋ

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶକ୍ତିକାନ୍ତ ଦାସ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଛନ୍ତି । ଏଠାରେ ସେ ବିଭିନ୍ନ ଅତ୍ୟାଧୁନିକ ଲାବୋରେଟୋରୀ ବୁଲି ଦେଖିବା ସହ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ଦିଗରେ ଏହି କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଜାଣି ଖୁସି ପ୍ରକାଶ କରିଥିଲେ ।

ଯୁବପିଢ଼ିଙ୍କୁ ଶିଳ୍ପ ଉପଯୋଗୀ ତାଲିମ ପ୍ରଦାନ ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ରରେ 'ସ୍କୁଲ ଅଫ ଇଞ୍ଜିନିୟରିଂ' ଏବଂ 'ସ୍କୁଲ ଅଫ ସର୍ଭିସେସ୍' ବିଭାଗ ଅଧୀନରେ ବିଭିନ୍ନ ଅତ୍ୟାଧୁନିକ ଲାବୋରେଟୋରୀ ରହିଛି । ତା' ଭିତରୁ ଶ୍ରୀ ଦାସ ଭର୍ଟିକାଲ ଟ୍ରାନ୍ସପୋର୍ଟେସନ, ଏୟାର କଣ୍ଡିସନିଂ ଆଣ୍ଡ ରେଫ୍ରିଜରେସନ, ବ୍ୟୁଟି ଆଣ୍ଡ ୱେଲନେସ ଏବଂ ସ୍କୁଲ ଅଫ୍ ହସ୍ପିଟାଲିଟି ଆଦି ବିଭାଗ ବୁଲି ଦେଖିଥିଲେ । ଏଠାକାର ଉନ୍ନତ ଭିତ୍ତିଭୂମି ଏବଂ ତାଲିମ ପାଠ୍ୟକ୍ରମକୁ ସେ ଉଚ୍ଚ ପ୍ରଶଂସା କରିଥିଲେ ।

ଏହି ପରିଦର୍ଶନ ବେଳେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଦକ୍ଷତା ବିକାଶ ଓ ବୈଷୟିକ (ପୃଷ୍ଠା ୭ରେ)

## ରାଜ୍ୟସ୍ତରୀୟ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ

# ପିଲାଙ୍କୁ ଖଡି ଛୁଆଁଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୪।୪
ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ପ୍ରତି ଗାଁରେ, ପ୍ରତି ସାହିଗଳିରେ ବିଦ୍ୟା ଆରମ୍ଭ ପର୍ବକୁ ଉତ୍ସବ ଭାବେ ପାଳନ କରାଯାଉଛି । ଏହାଦ୍ୱାରା ପିଲାଙ୍କ ନାମଲେଖା ପାଇଁ ବାପା ମା'ମାନେ ଉତ୍ସାହିତ ହେଉଛନ୍ତି । ଶନିବାର ରାଜ୍ୟ ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ-୨୦୨୬ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି ।

ଭୁବନେଶ୍ୱର ରାଜଭବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଖଡି ଓ ସିଲଟରେ ମା' ଓ ବାପା ଶବ୍ଦ ଲେଖାଇ ପାଠପଢା ଆରମ୍ଭ କରାଇଥିଲେ । ଜଣେ ଅନୁଭବୀ ଶିକ୍ଷକ ଓ ମୁରବୀ ଭଳି ପିଲାର ମାନସିକତାକୁ ଲକ୍ଷ୍ୟ କରି ମୁଖ୍ୟମନ୍ତ୍ରୀ ପିଲାଙ୍କ ମନ ଜିଣିଲା ଭଳି ପିଲାଙ୍କୁ ପଚାରିଥିଲେ 'ମା'ଙ୍କ ନାଁ କଣ ବାପାଙ୍କ ନାଁ କଣ ? ମାମୁ ଘର କେଉଁଠି ? (ପୃଷ୍ଠା ୭ରେ)




## ସୁବର୍ଣ୍ଣପୁରରେ ହାଇଟେକ୍ ସର୍ଭେ ବନ୍ଦୋବସ୍ତ ୨୦୨୬ ସୁଦ୍ଧା ସରିବ: ମନ୍ତ୍ରୀ

ଭୁବନେଶ୍ୱର, ୪।୪
ନ୍ୟୁଜ୍ ବ୍ୟୁରୋ

ଲୋକସେବା ଭବନଠାରେ ସୁବର୍ଣ୍ଣପୁର ଜିଲ୍ଲାର ହାଇଟେକ୍ ସର୍ଭେ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ଦିନର ଅପେକ୍ଷାର ଅନ୍ତ ସହ ସୁବର୍ଣ୍ଣପୁର ଜିଲ୍ଲାର ହାଇଟେକ୍ ସର୍ଭେ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବାକୁ ରାଜସ୍ୱ ମନ୍ତ୍ରୀ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ ୯୮୯ଟି ଗ୍ରାମ ମଧ୍ୟରୁ ୬୦୮ ଗ୍ରାମର ହାଇଟେକ୍ ସର୍ଭେ ଏବଂ ସେଟେଲମେଣ୍ଟ ପ୍ରକ୍ରିୟା ଇତିମଧ୍ୟରେ ସମାପ୍ତ ହୋଇଥିବା ବେଳେ (ପୃଷ୍ଠା ୭ରେ)

## ଏକାଳ ପଖାଳ



ସେମାନେ କହିଲେ ଏମାବି ସେୟା
ହେଲେ କାହୁଁଗଲା ଚାବି
କୋର୍ଟ କହନ୍ତି ରିପୋର୍ଟ ଦେବାକୁ
ନେତା ହେଉଥାନ୍ତି ଭାବି
ଜନତା କରଇ ଦାବି
ସବୁ କଥା ଯଦି ଠିକ୍‌ଠାକ୍ ଅଛି
ପରିଷ୍କାର କର ଛବି ।

# ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଛାରଖାର ଅର୍ଥନୀତି : ପେଷି ହେଉଛନ୍ତି କ୍ଷୁଦ୍ର ବ୍ୟବସାୟୀ



ନୂଆଦିଲ୍ଲୀ, ୪।୪

ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଛାରଖାର ଅର୍ଥନୀତି । ତୈଳ ସଙ୍କଟରେ ଆଉଟୁପାଉଟୁ ସାରା ବିଶ୍ୱ । ଆମ ରାଜ୍ୟର କ୍ଷୁଦ୍ର ବ୍ୟବସାୟୀଙ୍କଠୁ ଆରମ୍ଭକରି ମଧ୍ୟମ ବର୍ଗଙ୍କ ଉପରେ ଏହାର ଗଭୀର ପ୍ରଭାବ ଅନୁଭୂତ ହେବାରେ ଲାଗିଛି । ସବୁଠୁ ବେଶୀ ପ୍ରଭାବ ଦେଖିବାକୁ ମିଳିଛି ରାସ୍ତା କଡ଼ ଉଠା ଜଳଖିଆ ଦୋକାନୀ, ହୋଟେଲ ଉପରେ । ସେହିପରି ଅଶୋଧିତ ତୈଳ ବ୍ୟାରେଲ ପିଛା ଶହେ ଡଲାର୍ ଅତିକ୍ରମ କରିବାରୁ ବିଦେଶ ଯାତ୍ରା ମହଙ୍ଗା ହେବା ସହ ଆଇଟି ଶିଳ୍ପ ଗୁରୁତର ପ୍ରଭାବିତ ହେବ ବୋଲି ଆଶଙ୍କା କେଲେଣି ବିଶେଷଜ୍ଞ ।

ଯୁଦ୍ଧର କଳାବାଦଲ ଭିତରେ ପେଷି ହେଉଛନ୍ତି କ୍ଷୁଦ୍ର ବ୍ୟବସାୟୀ । ସିଧାସଳଖ ପ୍ରଭାବିତ ହୋଇଛନ୍ତି କ୍ଷୁଦ୍ର ଓ ମଧ୍ୟମ ବର୍ଗ । ଗ୍ୟାସ୍ ଓ ତୈଳ ସଙ୍କଟରେ ଜର୍ଜରିତ କ୍ଷୁଦ୍ର ବ୍ୟବସାୟୀ, ବନ୍ଦ ହେଉଛି ଉଠା ଦୋକାନ । ମଧ୍ୟବିତ୍ତଙ୍କ ପାଇଁ ବଢ଼ିଛି ମହଙ୍ଗା ମାଡ଼ର ଆଶଙ୍କା । ମଧ୍ୟପ୍ରାଚ୍ୟ ମହାଯୁଦ୍ଧରେ ବ୍ରେକ୍ ନଲାଗିଲେ ଆଗକୁ ସ୍ଥିତି ଆହୁରି ଗମ୍ଭୀର ଆଉ ଉତ୍କଟ ହେବ । ଗ୍ୟାସ୍ ଅଭାବ ରାଜ୍ୟରେ କ୍ଷୁଦ୍ର ବ୍ୟବସାୟୀ, ରେଷ୍ଟୁରାଣ୍ଟ ମାଲିକଙ୍କ ପେଟକୁ ଲାତ ମାରିଛି । ଉଠା ଦୋକାନୀଙ୍କ ବ୍ୟବସାୟରେ ତାଲା ପଡ଼ିବା ଅବସ୍ଥା । ରାସ୍ତା କଡର ଅନେକ ଖାଇବା ଦୋକାନ ବନ୍ଦ ହୋଇଗଲାଣି । ଆଉ କିଛି ବନ୍ଦ କରିବା ସ୍ଥିତିକୁ ଆସି ଗଲେଣି । (ପୃଷ୍ଠା ୭ରେ)

# ୫ ଦିନ ଜାରି ରହିବ ଝଡ଼ବର୍ଷା

ଭୁବନେଶ୍ୱର, ୪।୪
ନ୍ୟୁଜ୍ ବ୍ୟୁରୋ

ଦିନରେ ଅଗ୍ନିବର୍ଷା, ସନ୍ଧ୍ୟାରେ ଝଡ଼ବର୍ଷା । ସକାଳୁ ତାତି ଓ ଗୁଳୁଗୁଳି, ଆଉ ଅପରାହ୍ଣରେ ବଦଳିଯାଉଛି ପାଗ ମିଜାଜ୍ । ମାଡ଼ି ଆସୁଛି ମେଘ ପବନ । ଗତ କିଛି ଦିନ ହେବ ରାଜ୍ୟରେ ଏମିତି ପାଗ ଜାରି ରହିଛି । ଶନିବାର କଟକ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର ଆଦି ଉପକୂଳ ଜିଲ୍ଲାର ବ୍ୟାପକ ଅଞ୍ଚଳରେ କାଳବୈଶାଖୀ, ଝଡବାତ୍ୟା ସହ ବର୍ଷା ହୋଇଛି । ଏଥିଯୋଗୁ କେତେକ ଅଞ୍ଚଳରେ କ୍ଷୟକ୍ଷତି ଘଟିଥିବାର ସୂଚନା ମିଳିଛି । ଆସନ୍ତା ୫ ଦିନ ଯାଏଁ ରାଜ୍ୟରେ ଜାରି ରହିବ ଝଡ଼ବର୍ଷା ପ୍ରଭାବ । ୨୧ ଜିଲ୍ଲାକୁ ଘଡ଼ଘଡ଼ି ସହ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି ।

ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହୋଇଛି । ରାଜ୍ୟରେ ପାରଦର ସ୍ତର ଉପରମୁହାଁ ରହିଛି । ପ୍ରବଳ ଗରମ ସହ ୮ଟି ସ୍ଥାନରେ ୪୦ ଡିଗ୍ରୀ ଉପରେ ତାପମାତ୍ରା ରହିଥିବା ବେଳେ ଶନିବାର ବି ପ୍ରବଳ ଗୁଳୁଗୁଳି ଓ ଗରମ ଲାଗିରହିଛି । ଆହୁରି ୨୪ ଘଣ୍ଟା ଉଷ୍ମ ଆର୍ଦ୍ର ସ୍ଥିତି ପାଇଁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ ।

ଏନେଇ ରାଜ୍ୟର ୫ ଜିଲ୍ଲା ଜଗତସିଂହପୁର, କଟକ, କେନ୍ଦ୍ରାପଡା, ଭଦ୍ରକ ଓ ବାଲେଶ୍ୱରରେ ପ୍ରବଳ ଗରମ ଓ ଗୁଳୁଗୁଳି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଦିନରେ ତାତି ସହ ସନ୍ଧ୍ୟାରେ କାଳବୈଶାଖୀ ବର୍ଷାର (ପୃଷ୍ଠା ୭ରେ)



# ଭଦ୍ରକ ଜିଲ୍ଲା ପ୍ରଶାସନ -ଏମସିଏଲ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

**ଭଦ୍ରକ, ନ୍ୟୁଜ ବ୍ୟୁରୋ**

ଭଦ୍ରକ ଜିଲ୍ଲା ପ୍ରଶାସନ ଓ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ) ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ସ୍ମାରକ (ଏମଓୟୁ) ସ୍ୱାକ୍ଷର କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲାପାଳ ଦିଲୀପ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ଜିଲ୍ଲା ଶିକ୍ଷା ଅଧିକାରୀ ଜଗବଂଧୁ ନାୟକ, ଜିଲ୍ଲା ଶିଶୁ କଲ୍ୟାଣ ଅଧିକାରୀ ରୂପାଲି ମିତ୍ର ଓ ଏମସିଏଲର ଜେନେରାଲ ମ୍ୟାନେଜର ଜ୍ୟୋତିର୍ମୟ ସିନ୍‌ହା ସହିତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଏମଓୟୁ ଅନୁଯାୟୀ, ଭଦ୍ରକ ଜିଲ୍ଲାର ଧାମନଗର ନିର୍ବାଚନ ମଣ୍ଡଳୀରେ ଅବସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର ଓ ୫୦ଟି ପ୍ରାଥମିକ ବିଦ୍ୟାଳୟର ଉନ୍ନତିକରଣ କାମ ୫ କୋଟି ୧୦ ଲକ୍ଷ ୭୯ ହଜାର ୬୫୦ ଟଙ୍କା ବ୍ୟୟରେ କରାଯିବ ବୋଲି ସୂଚନା ମିଳିଛି। ଏହି ଅବସରରେ ମନ୍ତ୍ରୀ ସୁରଜ କହିଥିଲେ ଯେ, ରାଜ୍ୟ ସରକାର ଶିକ୍ଷାର ପ୍ରସାର ଓ ଗୁଣାତ୍ମକ ଉନ୍ନତି ପାଇଁ ବିଭିନ୍ନ ଯୋଜନା ଗ୍ରହଣ କରୁଛନ୍ତି। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ବୃଦ୍ଧି, ପାଠଛାଡ଼ ଶିଶୁମାନଙ୍କୁ ପୁନର୍ବାର ଶିକ୍ଷାରେ ଅନ୍ତର୍ଭୁକ୍ତ କରିବା ପାଇଁ ଅଭିଭାବକ ଓ ଶିକ୍ଷକମାନଙ୍କୁ ସମନ୍ୱୟ ରଖି କାମ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ପଦକ୍ଷେପ ଫଳରେ ଅଂଚଳର ଶିକ୍ଷା ଓ ଶିଶୁ କଲ୍ୟାଣ କ୍ଷେତ୍ରରେ ଲକ୍ଷଣୀୟ ଉନ୍ନତି ଆସିବ ବୋଲି ଆଶା କରାଯାଉଛି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଓଡିଶା ଦିବସ-୨୦୨୬ ପାଳନ ଅବସରରେ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଙ୍କ ମିଳିତ ଆନୁକୂଲ୍ୟରେ ରାଜ୍ୟ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ" ର ସାମୂହିକ ଗାୟନ କାର୍ଯ୍ୟକ୍ରମ ଆୟୋଜନ ହେବା ନେଇ ସୂଚନା ଦିଆଯାଇଛି। ଆସନ୍ତା ଏପ୍ରିଲ ୧ ତାରିଖ ସକାଳ ୭ଟା ସମୟରେ ଭଦ୍ରକ ସହରସ୍ଥ ନେହେରୁ ଷ୍ଟାଡିୟମ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟତ୍ରୀ ସହ ସାଧାରଣ ଜନସାଧାରଣଙ୍କୁ ଉପସ୍ଥିତ ରହିବାକୁ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ନିବେଦନ କରିଛନ୍ତି। ଏଥିସହ ବନ୍ଦେ ଉତ୍କଳ ଜନନୀ" ର ରଚୟିତା କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦାୟାଦଙ୍କୁ ସମ୍ବର୍ଦ୍ଧିତ କରିବାକୁ ମନ୍ତ୍ରୀ ସୂଚନା ଦେଇଛନ୍ତି। ପ୍ରାୟ ୫୦୦୦ରୁ ଅଧିକ ଲୋକ ଏକ ସ୍ଥାନରେ ସମବେତ ହୋଇ ଏକ ସ୍ୱରରେ ରାଜ୍ୟ ସଙ୍ଗୀତ ଗାୟନ କରିବେ, ଯାହା ଓଡିଶାର ସାଂସ୍କୃତିକ ଏକତା, ଭାଷା ପ୍ରେମ ଓ ଗୌରବକୁ ଅଧିକ ସୁଦୃଢ଼ କରିବ।

## ଜୟପୁର ଉପଜିଲ୍ଲାପାଳ ଭାବେ ଯଦୁମଣି ନାୟକଙ୍କୁ ନିଯୁକ୍ତ

**ଜୟପୁର, ନ୍ୟୁଜ ବ୍ୟୁରୋ**

ଜୟପୁର ଉପଖଣ୍ଡର ଉପଜିଲ୍ଲାପାଳ ଭାବେ ଓଡିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଯଦୁମଣି ନାୟକଙ୍କୁ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ଆଜି ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ଓଏଏସ ଅଧିକାରୀ ଶ୍ରୀ ନାୟକ ବର୍ତମାନ ନବରଙ୍ଗପୁର ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଭାବେ ଅବସ୍ଥାପିତ ଅଛନ୍ତି। ପ୍ରକାଶ ଯେ, ଚଳିତ ମାସ ଦ୍ୱିତୀୟ ସପ୍ତାହରେ ଜୟପୁର ଉପଜିଲ୍ଲାପାଳ ଏ. ଶଶ୍ୟା ରେଡ୍ଡିଙ୍କୁ ପଦୋନ୍ନତୀ ଦିଆଯାଇ ବ୍ରହ୍ମପୁର ମହାନଗର ନିଗମର କମିଶନର ଭାବେ ବଦଳୀ ହୋଇଥିଲା । ଏହାପରେ ତାଙ୍କ ବଦଳରେ କୌଣସି ଅଧିକାରୀଙ୍କ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇନଥିବା ବେଳେ ଉପଜିଲ୍ଲାପାଳ ଦାୟୀତ୍ୱ ଜୟପୁର ସମ୍ମନ୍ୱୟ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତୃପ୍ତିମୟୀ ବରାଇ ଦାୟୀତ୍ୱରେ ରହିଛନ୍ତି ।

# ସୁଭଦ୍ରା ଶକ୍ତି ମେଳାରେ ଶିଶୁ ସୁରକ୍ଷା ଆଇନ୍ ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**



କେନ୍ଦ୍ରାପଡ଼ାରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାର ପଞ୍ଚମ ସନ୍ଧ୍ୟା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖରମୟ ହୋଇଉଠିଥିଲା। ସଙ୍ଗୀତ ଓ ଫ୍ୟାଶନ୍ ଶୋର ଆକର୍ଷଣୀୟ ପ୍ରଦର୍ଶନ ସହ ସମଗ୍ର ପରିବେଶ ଉତ୍ସବମୁଖର ହୋଇପଡ଼ିଥିଲା। ପ୍ରସିଦ୍ଧ ଗାୟିକା ଦୀପ୍ତି ରେଖା ପାଢ଼ୀଙ୍କ ସୁମଧୁର ସଙ୍ଗୀତ ପ୍ରସ୍ତୁତି ଦର୍ଶକମାନଙ୍କୁ ମନମୋହିତ କରିଥିଲା, ଯେତେବେଳେ ଫ୍ୟାଶନ୍ ଶୋ ମଞ୍ଚକୁ ଆହୁରି ଆକର୍ଷିତ କରିଥିଲା। ଏହି ସନ୍ଧ୍ୟାର କାର୍ଯ୍ୟକ୍ରମରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ସୁଜାତା ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କ ଉଦ୍‌ବୋଧନରେ ମହିଳା ସଶକ୍ତିକରଣ ସହିତ ଶିଶୁ ସୁରକ୍ଷାର ଗୁରୁତ୍ୱ ଉପରେ ଜୋର ଦେଇ, ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାଙ୍କ ଆତ୍ମନିର୍ଭରତାକୁ ପ୍ରଶଂସା କରିଥିଲେ। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ସୁଷମା ମହାନ୍ତି ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ଉପସ୍ଥିତ ଥିଲେ। ଏହା ସହିତ "ଲକ୍ଷପତି ଦିଦି" ପ୍ରୟାସ ଅଧୀନରେ ସଫଳତା କାହାଣୀ ଉପସ୍ଥାପିତ ହୋଇଥିଲା। ରାଜକନିକା ବ୍ଲକର 'ଜୟ ହନୁମାନ' ଉତ୍ପାଦକ ଗୋଷ୍ଠୀର ସଦସ୍ୟା ସମ୍ପତି ବେହେରା (ପାଉଁରୁଟି ଓ ବିସ୍କୁଟ ପ୍ରସ୍ତୁତି) ଏବଂ ପଟ୍ଟାମୁଣ୍ଡାଇ ବ୍ଲକର 'ତ୍ରୟମ୍ବକେଶ୍ୱର' ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମମତା ନାଥ ଶର୍ମା (ଖାଦ୍ୟ ପ୍ରକ୍ରିୟାକରଣ) ତାଙ୍କ ଅଭିଜ୍ଞତା ସହଭାଗ କରିଥିଲେ, ଯାହା ଅନ୍ୟ ମହିଳାମାନଙ୍କ ପାଇଁ ପ୍ରେରଣାଦାୟକ ହୋଇଥିଲା। ମେଳାରେ ଦର୍ଶକମାନଙ୍କର ବିପୁଳ ଭିଡ଼ ଦେଖାଯାଇଥିଲା ଏବଂ ସମଗ୍ର ପରିବେଶ ଉତ୍ସବମୟ ହୋଇଯାଇଥିଲା।

# ସୋନପୁରରେ ଅଗ୍ନି ନିରାପତ୍ତା ସଚେତନତା ଓ ତାଲିମ କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**



ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ଅଗ୍ନିଶମ ବିଭାଗ, ଓଡ଼ିଶାଙ୍କ ନିର୍ଦ୍ଦେଶ କ୍ରମେ ସକାଳ ୭.୦୦ ଘଟିକା ସମୟରେ ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ପୌର ପରିଷଦ, କାର୍ଯ୍ୟାଳୟ ଠାରେ ଅଗ୍ନି ନିରାପତ୍ତା ସଚେତନତା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ) ଶ୍ରୀମତୀ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ପୌରପରିଷଦ ଅଧକ୍ଷା ଶ୍ରୀମତି ତାମସୀ ତାମସ୍ମିତା ନାୟକ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଦୂର୍ଗାଦତ୍ତ ଦାଶ, ସୋନପୁର ଥାନାର ଆଇଆଇସି ଯାଦବ ବାଗ, ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଅତିରିକ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅର୍ଜୁନ ମାଝି ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସୋନପୁର ପୌର ପରିଷଦର ସମସ୍ତ କାଉନସିଲ ବୃନ୍ଦ, ସଭାପତି, ଜିଲ୍ଲା ବଣିକ ସଂଘ, ସଭାପତି, ଚେମ୍ବରସ ଅଫ କମର୍ସ, ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ,କର୍ମଚାରୀ, ପୌର ପରିଷଦ ର କର୍ମଚାରୀ ବୃନ୍ଦ, ପୋଲିସ ବିଭାଗର ଅଧିକାରୀ, କର୍ମଚାରୀ, ଜିଲ୍ଲା କାର୍ଯ୍ୟାଳୟ ଜରୁରୀ ଶାଖାର ଅଧିକାରୀ, କର୍ମଚାରୀ, ସୋନପୁର ସହରର ଅନେକ ଦୋକାନୀ, ବୁଦ୍ଧିଜିବି, ଜନସାଧାରଣ, ମହିଳାଙ୍କ ସମେତ ବିଭିନ୍ନ ସମ୍ବାଦପତ୍ରଗୁଡିକର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦାନ କରିଥିଲେ।

# ଧୂଷୁରୀକୁ ଏନଏସି ଘୋଷଣା ନେଇ ଅନିଶ୍ଚିତତା ଜାରି

**ଭଦ୍ରକ, ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାରଙ୍କ ଗୃହ ମନ୍ତ୍ରଣାଳୟ ବିଭାଗ ପକ୍ଷରୁ ଅଳ୍ପ ଦିନ ତଳେ ଧାମନଗର ବ୍ଲକର ଧୂଷୁରୀ ପଞ୍ଚାୟତକୁ ଯେଉଁ ଏନଏସି ଘୋଷଣା ହୋଇଥିଲା ସେଥିରେ ନୀତିନିୟମକୁ ଉଲ୍ଲଂଘନ ଅଭିଯୋଗ ହାଇକୋର୍ଟରେ ମାମଲା ରୁଜୁ ହେବା ଫଳରେ ଏବେ କାର୍ଯ୍ୟକାରିତା ନେଇ ଅନିଶ୍ଚିତତା ଦେଖାଦେଇଛି। ଏନଏସି ଗଠନ ପାଇଁ ଆବଶ୍ୟକ ହେଉଥିବା ନିୟମାବଳୀକୁ ଉଲ୍ଲଂଘନ କରାଯାଇଥିବା ଏବଂ ଏନଏସି କାର୍ଯ୍ୟକାରୀ ହେଲେ ପଂଚାୟତର ଲୋକେ ସୁବିଧା ପାଇବା ପରିବର୍ତ୍ତେ ଅସୁବିଧା ଭୋଗିବେ ବୋଲି ଅଭିଯୋଗ କରି ପଂଚାୟତର ଜଣେ ନିର୍ବାଚିତ ଜନ ପ୍ରତିନିଧି ଏ ସମ୍ପର୍କରେ ଉଚ୍ଚ ନ୍ୟାୟାଳୟ ରେ ମାମଲା ରୁଜୁ କରିବା ପରେ ଏଭଳି ଅବସ୍ଥା ଉପୁଜିଥିବା କୁହାଯାଇଛି। ଧୂଷୁରୀ ପଂଚାୟତର ସମସ୍ତ ୱାର୍ଡ ସମେତ ପାର୍ଶ୍ୱବର୍ତୀ କୋଠାର ପଂଚାୟତ, ବମକୁରା ପଂଚାୟତ,ଏବଂ ନଦୀ ଗାଁ ପଂଚାୟତ ଆଂଶିକ ୱାର୍ଡରେ ଥିବା ଯଥାକ୍ରମେ ପତ୍ରିସାହି, ବାଙ୍କ ସାହି, ଖୋପ ସାହି, ଭଣ୍ଡାରିପଡା, ସାହାଜି ପାଟଣା ପ୍ରଭୃତି ୬ ଟି ରାଜସ୍ୱ ଗ୍ରାମର ୧୦୩୪୯ ଜନସଂଖ୍ୟା କୁ ନେଇ ଧୂଷୁରୀ ବିଜ୍ଞାପିତ ଅଂଚଳ ଗଠନ କରାଯାଇଥିଲା। ପରବର୍ତୀ ସମୟରେ ଏନ ଏ ସି କାର୍ଯ୍ୟକାରୀ ନିମନ୍ତେ ସମସ୍ତ କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଂଚିବା ସହ ସୀମା ଚିହ୍ନଟ ହୋଇଥିଲା ଏବଂ ଫେବୃଆରୀ ୧୨ତାରିଖ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ୧୪ଟି କାଉନସିଲର ୱାର୍ଡ ବିଶିଷ୍ଟ ଧୂଷୁରୀ ଏନଏସି ଅପ୍ରେଲ ମାସ ଆରମ୍ଭରୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ବୋଲି ଦର୍ଶାଯାଇଥିଲା। ଏପଟେ ଧୂଷୁରୀ ଏନଏସି କାର୍ଯ୍ୟକାରୀ ହେଲେ ଲୋକଙ୍କର ଲାଭ କ୍ଷତିର ହିସାବକୁ ନେଇ ଶାସକ ଏବଂ ବିରୋଧୀ ରାଜନୈତିକ ଦଳ ସମେତ ଜନସାଧାରଣ ମହଲରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇ ଥିଲା ।ଏପରି ସ୍ଥିତିରେ ଆଗରୁ ଅବିଭକ୍ତ ଧୂଷୁରୀ ପଂଚାୟତରେ ଅନ୍ତର୍ଭୁକ୍ତ ଥିବା ସାହସପୁର ପଂଚାୟତକୁ ଏନଏସି ରେ ନିଆ ନଯାଇ ବମକୁରା, କୋଠାର, ନଦୀ ଗାଁ ପଂଚାୟତର ବିଭିନ୍ନ ଗ୍ରାମକୁ ଏନଏସି ରେ ସାମିଲ କରାଯିବା, ଧୂଷୁରୀ ଏକ ବନ୍ୟାଂଚଳ ହୋଇଥିବାରୁ ବନ୍ୟାରେ ଚାଷ ବାସ ନଷ୍ଟ ହୋଇ ଲୋକଙ୍କ ଆର୍ଥିକ ମାନଦଣ୍ଡ ଦୁର୍ବଳ ଥିବା ଏଠାରେ ଅଧିକ ସଂଖ୍ୟାରେ ଦିନ ମଜୁରିଆ ଓ ଜନ ଜାତିର ଲୋକ ବସବାସ କରୁଥିବାରୁ ଏନ ଏ ସି ହେଲେ ସେହି ଲୋକ ମାନେ ସରକାରୀ ସୁବିଧା ପାଇବାରୁ ବଂଚିତ ହୋଇ ବିଭିନ୍ନ ଟେକ୍ସ ଦେବାରେ ସକ୍ଷମ ନ ହେବା ଅଂଚଳରେ ସଂଖ୍ୟାଧିକ ବେତନ ଭୋଗୀ ନଥିବା ଇତ୍ୟାଦି ବିଭିନ୍ନ ପ୍ରକାର ଗାଇଡ଼ ଲାଇନକୁ ଉଲଘଂନ କରଯାଇ ଧୂଷୁରୀ ଅଂଚଳକୁ (ଏନଏ ସି ) ସହରାଂଚଳ ଘୋଷଣା କରାଯିବାର କେତେ ଯଥାର୍ଥତା ରହିଛି ସେ ସମ୍ପର୍କରେ ପଂଚାୟତର ଜଣେ ନିର୍ବାଚିତ ପ୍ରତିନିଧି ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ କରିବା ପରେ ବର୍ତମାନ ଏନଏସି କାର୍ଯ୍ୟକାରୀ ହେବ କି ନାହିଁ ତାହାକୁ ନେଇ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ରୁଜୁ ହୋଇଥିବା ଏହି ମାମଲା ପ୍ରେଲ ମାସ ୧୩ତାରିଖ ଶୁଣାଣି ଥିବା ଜଣାଯାଇଛି।

# ସୁରେଶ୍ୱରୀ ମନ୍ଦିରରେ ଚଣ୍ଡୀଯଜ୍ଞ ଅନୁଷ୍ଠିତ

**ସୁବର୍ଣ୍ଣପୁର,ନ୍ୟୁଜ ବ୍ୟୁରୋ**



ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ମନ୍ଦିରରେ ଚୈତ୍ର ନବରାତ୍ର ଅବସରରେ ଅଷ୍ଟମୀ ଦିନ ବିଶ୍ୱର କଲ୍ୟାଣ ତଥା ସୁବର୍ଣ୍ଣପୁର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ଚଣ୍ଡୀଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ପୂର୍ବ ଦିନ ଅର୍ଥାତ୍ ସପ୍ତମୀ ଅପରାହ୍ନରେ କର୍ତ୍ତାମାନଙ୍କ ସହିତ ଶହ ଶହ ମହିଳା ସହରର ମହାନଦୀ ତେନ୍ତୁଳିଘାଟ ଠାରୁ ପୂର୍ଣ୍ଣ କଳସ ଆଣି ଯଜ୍ଞ ମଣ୍ଡପରେ ପ୍ରତିଷ୍ଠା କରିଥିଲା ବେଳେ ଅଷ୍ଟମୀ ସକାଳୁ ଚଣ୍ଡିଯଜ୍ଞ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ପୂଜକ ଭାବରେ ଶିବ ନାରାୟଣ ପୂଜାହାରୀ ଦାୟିତ୍ୱ ତୁଲାଇଥିବା ବେଳେ ଯଜ୍ଞରେ କର୍ତ୍ତା ଭାବରେ ମାନଭଞ୍ଜନ ବେଦବାକ୍, ବେଣୀମାଧବ ବେଦବାକ୍, ଭୁବନେଶ୍ୱର ମେହେର, ଶ୍ରୀବନ୍ତ ମିଶ୍ର, ବିଶ୍ୱରଞ୍ଜନ ଦଳାଇ, ରାଜେନ୍ଦ୍ର ମେହେର, ଅରୁଣ ବାଘ, କାଳିଆ କର୍ମୀ ସପତ୍ନିକ ଦାୟିତ୍ୱ ନିର୍ବାହ କରିଥିଲେ। ମନ୍ଦିରର ପୂଜକ ଅଚ୍ୟୁତ ପୂଜାହାରୀଙ୍କ ସଂଯୋଜନା ତଥା ଅଜିତ ଥନାପତି, ଗୋପାଳ ନେଗୀ, ଶୁଭ୍ରାଂଶୁ ଚାନ୍ଦ, ସୁବାଷ ଭୋଇ, ବୈକୁଣ୍ଠ ଶତପଥୀ, ଭୀଷ୍ମ ମୁନି, ସାଲବେଗ ନାଏକ, ଶେଷ ମେହେର ପ୍ରମୁଖଙ୍କ ସହ କମିଟିର କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯକ୍ରମରେ ଜିଲ୍ଲାପାଳ ଡ. ନୃପରାଜ ସାହୁ, ଉପଜିଲ୍ଲାପାଳ ଡ଼. ସୌମ୍ୟାରୂପା ରଥଙ୍କ ସପରିବାର ସମେତ ହଜାର ହଜାର ଭକ୍ତ ଯୋଗ ଦେଇ ବିଭୁକୃପା ଲାଭ କରିଥିଲେ ।

# ଗୁପ୍ତେଶ୍ୱର ସାହିରେ ରାମଲାଲାଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**



ଚୌଦ୍ୱାର ପୌରପାଳିକା ୧ ନମ୍ବର ୱାର୍ଡ଼ ଗୁପ୍ତେଶ୍ୱର ସାହିରେ ଶ୍ରୀରାମଲାଲାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଗତ ଗୁରୁବାର ଠାରୁ ଆରମ୍ଭ ହୋଇଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଧାନ୍ୟାଧିବାସ, ଅଙ୍କୁରାରୋପଣ, କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା,ଘଟସ୍ଥାପନ, ବିଗ୍ରହ ସ୍ନାନ ଓ ବିଗ୍ରହ ନ୍ୟାସ ଆଦି ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା । ଏହି ଉପଲକ୍ଷେ ଶୁକ୍ରବାର ସାରାଦିନବ୍ୟାପି ଆୟୋଜିତ ମହାଯଜ୍ଞରେ ରଘୁନାଥ ପରିଡ଼ା ଓ ତାଙ୍କ ପତ୍ନୀ କର୍ତ୍ତା କର୍ତ୍ତ୍ରୀ ଭାବେ ଆହୁତି ପ୍ରଦାନ କରିଥିଲେ । ନବ ନିର୍ମିତ ମନ୍ଦିର ପ୍ରତିଷ୍ଠା କରାଯାଇ ଶ୍ରୀରାମ, ଶ୍ରୀଲକ୍ଷ୍ମଣ, ସୀତା ମାତା ଓ ହନୁମାନଙ୍କ ବିଗ୍ରହକୁ ନଗର ପରିକ୍ରମା କରାଯାଇ ମନ୍ଦିର ପ୍ରବେଶ କରାଯାଇଥିଲା । ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଚତୁର୍ଦ୍ଧାମୁରତିଙ୍କ ଦର୍ଶନ ସହିତ ଆନନ୍ଦ ବଜାରରେ ଅଂଶ ଗ୍ରହଣ କରିଥିଲେ । ପଣ୍ଡିତ ଚନ୍ଦନ କୁମାର ଦାସ ଓ ସାଥିମାନେ ବୈଦିକ ରୀତିନୀତିରେ ସମସ୍ତ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ । ଗୁପ୍ତେଶ୍ୱର ସାହି ସଭାପତି ବିଷ୍ଣୁ ଚରଣ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ହରିହର ପରିଡ଼ା, ରବୀନ୍ଦ୍ର ସାହୁ, ଧରଣୀଧର ପରିଡ଼ା, ପ୍ରଶାନ୍ତ କୁମାର ସ୍ୱାଇଁ, ଚିତ୍ତରଞ୍ଜନ ମହାରଣା, ବିକ୍ରମ ସ୍ୱାଇଁଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବହୁ ବିଶିଷ୍ଟ ବ୍ୟକ୍ତି, ରାଜନେତା, ପାରିଷଦ ଓ ସ୍ଥାନୀୟ ନାଗରିକ ଉତ୍ସବରେ ଯୋଗଦେଇ ବିଭୁକୃପା ଲାଭ କରିଥିଲେ ।

## ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ

# ନିମନ୍ତ୍ରଣ ପତ୍ର ବାଣ୍ଟିଲେ କନ୍ଧମାଳ ବିଧାୟକ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**



ଆଗାମୀ ଅପ୍ରେଲ ୨ ତାରିଖରୁ ଆରମ୍ଭ ହେବାକୁ ଥିବା 'ପ୍ରବେଶ ଉତ୍ସବ ଓ ଖଡିଛୁଆଁ 'କାର୍ଯ୍ୟକ୍ରମରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକମାନଙ୍କୁ ସଚେତନ କରିବା ସହିତ ବୌଦ୍ଧ ବ୍ଲକ ବାଉଁଶୁଣୀ ଅଞ୍ଚଳରେ ଏକ ସ୍ୱତନ୍ତ୍ର ଅଭିଯାନରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷରିତ ନିମନ୍ତ୍ରଣ ପତ୍ର ବଣ୍ଟାଯାଇଥିଲା । ନୂତନ ଶିକ୍ଷାବର୍ଷ ରେ ୫ ରୁ ୧୪ ବର୍ଷର ସମସ୍ତ ପିଲାଙ୍କ ନାମ ଲେଖାଇବା ପାଇଁ ବୌଦ୍ଧ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଅଭିଯାନ କରାଯାଇଛି । ଏହି ଅଭିଯାନରେ ସାମିଲ ହୋଇ ଆଜି କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜୋନ୍ ନମ୍ବର ୪ ର ଜିଲ୍ଲା ପରିଷଦ ସଭ୍ୟ ରାକେଶ କୁମାର ତ୍ରିପାଠୀ, ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ ଦୁବେ, ବୌଦ୍ଧ ବ୍ଲକ ଶିକ୍ଷାଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ, ବାଉଁଶୁଣୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାଶ ଚନ୍ଦ୍ର ବେହେରାଙ୍କ ସହ ନାମଲେଖା ଯୋଗୁଁଛାତ୍ରଛାତ୍ରୀଙ୍କ ଘରକୁ ଘର ବୁଲି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ତରଫରୁ ନିମନ୍ତ୍ରଣ ପତ୍ର ବଣ୍ଟନ କରିଥିଲେ । ଆହୁରି ମଧ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପୁରାତନ ଛାତ୍ରଛାତ୍ରୀ ଏହି ଅଭିଯାନରେ ସାମିଲ ହୋଇଥିଲେ । ୫ ରୁ ୧୮ ବର୍ଷ ବୟସର ଜଣେ ବି ଯୋଗ୍ୟ ଛାତ୍ରଛାତ୍ରୀ ପାଠ ପଢାରୁ ବଞ୍ଚିତ ନ ହୁଅନ୍ତୁ ବୋଲି କନ୍ଧମାଳ ବିଧାୟକ ଶ୍ରୀଡାଙ୍ଗ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅନୁରୋଧ କରିଥିଲେ ।

# ନାଟ୍ ଦ୍ୱାରା ବିଶ୍ୱ ନାଟ୍ୟ ଦିବସ ପାଳିତ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**



ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ ସୁବର୍ଣ୍ଣପୁରର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ନାଟ ତରଫରୁ ଏକ ଆଲୋଚନାଚକ୍ର ସ୍ଥାନୀୟ ମହାନଦୀ ସାହିତ୍ୟ ସଂସଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ଓ ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ଏହି ଆଲୋଚନାଚକ୍ରରେ ନାଟ ଅନୁଷ୍ଠାନର ସମସ୍ତ ସଦସ୍ୟ ଯୋଗ ଦେଇ ନାଟକ ସମ୍ପର୍କିତ ନିଜର ଅନୁଭବ ଓ ବାର୍ତ୍ତା ପ୍ରଦାନ କରିଥିଲେ। ପ୍ରଥମରେ ସମ୍ପାଦକ ବନମାଳୀ ପଣ୍ଡା ବିଶ୍ୱ ନାଟ୍ୟ ଦିବସ ପାଳନର ଗୁରୁତ୍ୱ ବାବଦରେ ଅବଗତ କରେଇଥିଲେ। ଗାଳ୍ପିକ କ୍ଷୀରୋଦ ବିଶ୍ୱାଳ ୱିଲେମ ଡାଫୋଙ୍କ ବିଶ୍ୱ ନାଟ୍ୟ ଦିବସ ସମ୍ପର୍କିତ ବାର୍ତ୍ତାଟିକୁ ପାଠ କରି ଶୁଣାଇଥିଲେ। ନାଟର ସାହିତ୍ୟ ସମ୍ପାଦକ କବି ଲକ୍ଷ୍ମୀନାରାୟଣ ସାହୁଙ୍କ ଦ୍ୱାରା ନାଟକ ସମ୍ପର୍କିତ ଏକ କବିତା 'ନାଟକ' ପାଠ କରିଥିବା ବେଳେ ପ୍ରଦ୍ୟୁମ୍ନ ସାହୁ 'ସମର୍ପଣ' ଶୀର୍ଷକ କବିତା ପାଠ କରିଥିଲେ। ଯୁବ ଅଭିନେତା ଅମିୟ ଦାଶ ନିଜ ଅଭିନୟର ଏକା ଝଲକ ଦେଖାଇଥିଲେ। ଏହି ସଭାରେ ନାଟ ଅନୁଷ୍ଠାନର ଆଗାମୀଦିନରେ ହେବାକୁ ଥିବା ରାଷ୍ଟ୍ରୀୟ ନାଟମେଳା ସମ୍ପର୍କରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ଶୈଳେନ୍ଦ୍ର ବଷ୍ଟିଆ, ସଂସ୍କୃତି ସମ୍ପାଦକ ଅବିନାଶ ହୋତା, ସନ୍ତୋଷ ମିଶ୍ର, ଗତିକୃଷ୍ଣ ବଣିଆ, ଅଜିତ ମେହେର, ନବ କିଶୋର ତ୍ରିପାଠୀ, ଇରାଦତ ଖାନ, ସମୀର ସାହୁ, ଶିବରାଜ କର୍ମ୍ମ, ଜ୍ୟୋତି ମିଶ୍ର, ଶିବରାମ ମିଶ୍ର, ବିଶ୍ୱଜିତ ମହାପାତ୍ର, ଦେବାଶିଷ ପଟ୍ଟନାୟକ, ବିଶେଶ୍ୱର ଗୁରୁ, ଦଧି ବାମନ ବାବୁ ଆଦି ଯୋଗ ଦେଇଥିଲେ ।

# ଶହୀଦ ଲକ୍ଷ୍ମଣ ନାଏକଙ୍କ ଶ୍ରାଦ୍ଧ ଦିବସରେ ଗରିମାମୟ ମାଲ୍ୟାର୍ପଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତର ସ୍ୱାଧୀନତା ସଂଗ୍ରାମରେ ଜନଜାତି ଅସ୍ମିତା ଓ ସ୍ୱାଭିମାନର ଅଦମ୍ୟ ପ୍ରତୀକ ଶହୀଦ ଲକ୍ଷ୍ମଣ ନାଏକ ନିର୍ଭୀକତା, ତ୍ୟାଗ ଓ ଦେଶପ୍ରେମର ଉଜ୍ଜ୍ୱଳ ଉଦାହରଣ। ଜନଜାତିମାନଙ୍କ ଅଧିକାର ଓ ସ୍ୱାଧୀନତା ପାଇଁ ତାଙ୍କର ଅବିରତ ସଂଗ୍ରାମ ଏବଂ ବଳିଦାନ ଆଜିମଧ୍ୟ ସମାଜକୁ ପ୍ରେରିତ କରୁଛି। ତାଙ୍କ ଶ୍ରାଦ୍ଧ ଦିବସ ଅବସରରେ ରବିବାର ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଗଭୀର ଶ୍ରଦ୍ଧା ଓ ଗରିମାମୟ ପରିବେଶରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ସକାଳ ୮ ଘଟିକାରେ ଭୁବନେଶ୍ୱରସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଏବଂ ସକାଳ ଘ. ୮.୩୦ ମିନିଟ୍ ?ରେ କଳିଙ୍ଗ ହସ୍ପିଟାଲ୍ ଛକସ୍ଥିତ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କ ପବିତ୍ର ସ୍ମୃତିକୁ ସ୍ମରଣ କରାଯାଇଥିଲା। ପରବର୍ତୀରେ ସକାଳ ୯ ଘଟିକାରେ ଓଡ଼ିଶା ବିଧାନ ସଭା ପାର୍ଶ୍ୱ ଗେଟ୍ ନମ୍ବର-୧ ସ୍ଥିତ ପ୍ରତିମୂର୍ତ୍ତିରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ପୁଷ୍ପମାଲ୍ୟ ଅର୍ପଣ କରି ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭା ସଚିବ ଶ୍ରୀ ସତ୍ୟବ୍ରତ ରାଉତ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢ଼ାଲି ଓ ସାଂସଦ ମୁଜିବୁଲ୍ଲା (ମୁନା) ଖାନଙ୍କ ସହିତ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂହ, ଉପନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ, ସହକାରୀ ନିର୍ଦ୍ଦେଶକ ଦୀପକ କୁମାର ସାହୁ, ଶବରୀ ସାଂସ୍କୃତିକ ସଂସଦର କର୍ମକର୍ତାମାନେ, ଆଚାର୍ଯ୍ୟ ବିହାର ପରିଷଦର ସଭାପତି ଭାଗବତ ଦାଶ ଓ ପରିଷଦର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହାସହ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧି ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶହୀଦ ଲକ୍ଷ୍ମଣ ନାଏକଙ୍କ ଦେଶପ୍ରେମ, ସଂଗ୍ରାମମୟ ଜୀବନ ଓ ବଳିଦାନ ଜାତି ପାଇଁ ଅନନ୍ୟ ପ୍ରେରଣା ହୋଇ ରହିବ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା।

## ସହିଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ମାଲକାନାଗିରିର ଗାନ୍ଧୀ ସହିଦ୍ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି ବରପୁତ୍ର ମାନଙ୍କର ତ୍ୟାଗ ଓ ବଳିଦାନ ବିଷୟରେ ପିଲାମାନେ ଶିକ୍ଷା ଗ୍ରହଣ କରି ନିଜେ କିପରି ଭଲ ମଣିଷ ହୋଇପାରିବେ ଚେଷ୍ଟା କରିବା ଆବଶ୍ୟକ ବୋଲି କହିଥିଲେ। ସଂସ୍କୃତି ବିଭାଗର ପୂର୍ବତନ ଅଧିକାରୀ ଲକ୍ଷ୍ମୀଧର ବେହେରା ଓ ରମେଶ ଚନ୍ଦ୍ର ପାତାଳସିଂହ ପ୍ରମୁଖ ବିପ୍ଳବୀ ଲକ୍ଷ୍ମଣ ନାୟକଙ୍କ ବଳିଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିଳ୍ପାଂଚଳ ଶାଖା ଯୁଗ୍ମ-ସମ୍ପାଦକ ଶିଧାର୍ଥ ଶଙ୍କର ଗଡନାୟକ, କେନ୍ଦ୍ରୀୟ କାର୍ଯ୍ୟନିର୍ବାହୀ ସମିତି ସଦସ୍ୟା ବାସନ୍ତୀ ତ୍ରିପାଠୀ, ଶଶି ଭୂଷଣ ଦାସ, ଧରଣୀଧର ରାଉତ, ରାମ ଚନ୍ଦ୍ର ସାମଲ, ବିଶ୍ୱଜିତ ମହାନ୍ତି, ପ୍ରଫେସର ରଙ୍ଗାଧର ସାହୁ ଓ ରତ୍ନାକର ଜେନା ଆଦି ଭାଗନେଇ ବରପୁତ୍ରଙ୍କୁ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଭଣ୍ଡାରିପୋଖରୀ ବିଧାୟକଙ୍କ ଶ୍ରୀରାମଚନ୍ଦ୍ର ପୂଜା ମଣ୍ଡପ ପରିଦର୍ଶନ

**ଭଦ୍ରକ, ନ୍ୟୁଜ ବ୍ୟୁରୋ**

ପବିତ୍ର ଶ୍ରୀରାମ ନବମୀ ଭଦ୍ରକ ଜିଲ୍ଲା ତମାମ ବେଶ୍ ଆନନ୍ଦ ଉଲ୍ଲାସ ଓ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ବନ୍ତ ବ୍ଲକ୍ ଅନ୍ତର୍ଗତ ଟିଲୋ ଗ୍ରାମ ପଂଚାୟତରେ ଏହି ଉତ୍ସବ ଜାକ ଜମକ ସହକାରେ ପାଳିତ ହୋଇଥିବାବେଳେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ରାମଚନ୍ଦ୍ର ଓ ମାତା ସୀତାଙ୍କୁ ପୂଜା ମଣ୍ଡପରେ ଦର୍ଶନ କରିଛନ୍ତି ଭଣ୍ଡାରିପୋଖରୀ ବିଧାୟକ ସଂଜୀବ୍ କୁମାର ମଲ୍ଲିକ। ସେ ପ୍ରଭୁ ଶ୍ରୀରାମଚନ୍ଦ୍ର ଓ ମା' ସୀତାଙ୍କ ନିକଟରେ ଜନସାଧାରଣଙ୍କ ମଙ୍ଗଳ କାମନା କରିଛନ୍ତି। ସ୍ଥାନୀୟ ଅଂଚଳର ନେତୃମଣ୍ଡଳୀ ଓ ଅନ୍ୟାନ୍ୟ ଅତିଥି ବୃନ୍ଦ ଏହି ଅବସରରେ ଉପସ୍ଥିତ ଥିଲେ।

# ପୁନର୍ବାସ ପକ୍ଷରୁଶିଶୁଙ୍କ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରୀକ୍ଷା



**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରପଡ଼ା ଭିନ୍ନକ୍ଷମଙ୍କ ଥେରାପି ଚିକିତ୍ସା ଓ ସଶକ୍ତିକରଣ ନିମନ୍ତେ କାର୍ଯ୍ୟରତ ପୁନର୍ବାସ ଅନୁଷ୍ଠାନ ଦ୍ୱାରା ସ୍ଥାନୀୟ ମାଧପୁରସ୍ଥିତ ଶିଶୁ ଥେରାପି କେନ୍ଦ୍ରରେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶିଶୁରୋଗ ବିଶେଷଜ୍ଞ ଡାକ୍ତର ସ୍ୱାଗତ ଦାସ ଏହି ଶିଶୁ ଥେରାପି କେନ୍ଦ୍ରରେ ବିବିଧ ଥେରାପି ଚିକିତ୍ସା ଗ୍ରହଣ କରୁଥିବା ସମୁଦାୟ ୨୮ ଜଣ ସ୍ୱତନ୍ତ୍ର ଶିଶୁ ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକ ଔଷଧୀୟ ପରାମର୍ଶ ପ୍ରଦାନ କରିଛନ୍ତି।ଏହା ଦ୍ୱାରା ଅଟିଜିମ୍, ମସ୍ତିଷ୍କ ପକ୍ଷାଘାତ ଓ ବୌଦ୍ଧିକ ଅନଗ୍ରସର ସ୍ୱତନ୍ତ୍ର ଶିଶୁ ହିତାଧିକାରୀମାନେ ନିଶୁଳ୍କ ଭାବେ ଗୋଟିଏ ସ୍ଥାନରେ ଶିଶୁ ବିଶେଷଜ୍ଞଙ୍କ ଦ୍ୱାରା ସହଜରେ ଡାକ୍ତରୀ ପରାମର୍ଶ ପାଇବା ସହ ଥେରାପି କେନ୍ଦ୍ର କର୍ମଚାରୀଙ୍କ ଦ୍ୱାରା ଓଜନ ଓ ଉଚ୍ଚତା ମାପ ମଧ କରାଇପାରିଥିଲେ । ଅନୁଷ୍ଠାନ ପକ୍ଷରୁ ଫିଜିଓଥେରାପିଷ୍ଟ, ଅକ୍ୟୁପେଶନାଲଥେରାପିଷ୍ଟ ଓ ସପୋର୍ଟ ଷ୍ଟାଫ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ । ଏଥିପାଇଁ ପୁନର୍ବାସ ପକ୍ଷରୁ ଶିଶୁ ବିଶେଷଜ୍ଞ ଡାକ୍ତର ସ୍ୱାଗତ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଜିଲ୍ଲା ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକଙ୍କୁ ମଧ ଅଶେଷ ଧନ୍ୟବାଦ ଜଣାଇଛନ୍ତି।

# ଶିରିଡ଼ି ସାଇ ମନ୍ଦିରର ବାର୍ଷିକୋତ୍ସବ

**ଚୌଦ୍ୱାର,ନ୍ୟୁଜ ବ୍ୟୁରୋ**

ଚାରବାଟିଆ ହାଉସିଂବୋର୍ଡ଼ସ୍ଥିତ ଶିରିଡ଼ି ସାଇବାବା ମନ୍ଦିରର ଚତୁର୍ଦ୍ଦଶ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। ତିନିଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ କଳସ ଯାତ୍ରା, ଅଧିବାସ, ମଣ୍ଡଳ ସ୍ଥାପନ, ଗୋପୂଜା ଆଦି ସହିତ ବାବାଙ୍କର ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା । ଆୟୋଜିତ ମହାଯଜ୍ଞରେ ବହୁ ଭକ୍ତଓ ଶ୍ରଦ୍ଧାଳୁ ଅଂଶ ଗ୍ରହଣ କରି ଆହୁତି ପ୍ରଦାନ କରିଥିଲେ। ଶୁକ୍ରବାର ଦିନ ବାବାଙ୍କର ପାଲିଙ୍କି ଶୋଭାଯାତ୍ରା ହାଉସିଂବୋର୍ଡ଼, ଟେନାମେ, ବିରାଟ ବଜାର ଆଦି ଅଞ୍ଚଳ ପରିକ୍ରମା କରିଥିଲା । ଏହି ଉପଲକ୍ଷେ ସାଇବାବାଙ୍କ ମନ୍ଦିରରେ ଭଜନ ସମାରୋହ ଏବଂ ଆନନ୍ଦ ବଜାର ଅନୁଷ୍ଠିତ ହୋଇଥିଲା ।

32 YEARS
ସମ୍ବାଦ କଳିକା

# ଆଉ ଅପେକ୍ଷା କରିବାକୁ ପଡ଼ିବ ନାହିଁ

ଶ୍ରମିକ ଏବଂ କର୍ମଚାରୀଙ୍କ ପାଇଁ ଏକ ବଡ଼ ଖୁସି ଖବର । କେନ୍ଦ୍ର ସରକାରଙ୍କ ନୂଆ ଲେବର କୋଡ୍ ଲାଗୁ ହେବା ପରେ ଏବେ କର୍ମଚାରୀଙ୍କୁ ନିଜର ବକେୟା ପ୍ରାପ୍ୟ ପାଇଁ ମାସ ମାସ ଧରି ଅପେକ୍ଷା କରିବାକୁ ପଡ଼ିବ ନାହିଁ । ଯଦି ଆପଣ କୌଣସି କମ୍ପାନୀରୁ ଚାକିରି ଛାଡୁଛନ୍ତି କିମ୍ବା ଆପଣଙ୍କୁ ବାହାର କରାଯାଉଛି, ତେବେ ମାତ୍ର ୨ ଦିନ ୱାର୍କିଂ ଡେଜ୍ ମଧ୍ୟରେ କମ୍ପାନୀକୁ ସମସ୍ତ ହିସାବ ସାରି ପଇସା ଦେବାକୁ ପଡ଼ିବ । Code on Wages, ୨୦୧୯ ଅଧୀନରେ ଏହି ନୂଆ ବ୍ୟବସ୍ଥା ଲାଗୁ କରାଯାଇଛି । ପୂର୍ବରୁ କର୍ମଚାରୀମାନେ ଚାକିରି ଛାଡ଼ିବା ପରେ ସେମାନଙ୍କର ବକେୟା ଦରମା ଏବଂ ଅନ୍ୟାନ୍ୟ ରାଶି ପାଇବା ପାଇଁ ୩୦ରୁ ୯୦ ଦିନ ପର୍ଯ୍ୟନ୍ତ ସମୟ ଲାଗୁଥିଲା । ଏହି କାରଣରୁ କର୍ମଚାରୀମାନେ ଘର ଭଡ଼ା ଦେବା କିମ୍ବା ମାସିକ ଖର୍ଚ୍ଚ ତୁଲାଇବାରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ । କିନ୍ତୁ ଏବେ ନୂଆ ନିୟମ ଅନୁଯାୟୀ, ଚାକିରିର ଶେଷ କାର୍ଯ୍ୟ ଦିବସର ମାତ୍ର ୪୮ ଘଣ୍ଟା ମଧ୍ୟରେ ସେଟେଲମେଣ୍ଟ କରିବା ବାଧ୍ୟତାମୂଳକ । ଯେତେବେଳେ ଜଣେ କର୍ମଚାରୀ କମ୍ପାନୀ ଛାଡ଼ନ୍ତି, ତାଙ୍କୁ କେବଳ ଦରମା ନୁହେଁ ବରଂ ଅନ୍ୟାନ୍ୟ ସୁବିଧା ମଧ୍ୟ ମିଳିଥାଏ। ଯେମିତିକି ଶେଷ ମାସର ଦରମା: କାମ କରିଥିବା ଦିନ ଅନୁସାରେ ବକେୟା ଦରମାଛୁଟି ବଦଳରେ ପଇସା: ବଞ୍ଚିଥିବା ଛୁଟି ପାଇଁ ନିର୍ଦ୍ଧାରିତ ଅର୍ଥ ବୋନସ ଓ ଇନସେଣ୍ଟିଭ୍: ପ୍ରଦର୍ଶନ ଆଧାରରେ ମିଳିବାକୁ ଥିବା ବକେୟା ବୋନସ ଯଦି କୌଣସି କର୍ମଚାରୀ କମ୍ପାନୀର ସାମଗ୍ରୀ ଯେପରିକି, ମୋବାଇଲ୍ ଆଦି ଫେରସ୍ତ କରିନାହାଁନ୍ତି କିମ୍ବା ଆଡଭାନ୍ସ ଲୋନ୍ ନେଇଛନ୍ତି, ତେବେ ସେହି ଅର୍ଥ କାଟି କମ୍ପାନୀ ବାକି ପଇସା ଦେବ । ନୂଆ ଲେବର କୋ ସବୁଠାରୁ ଆଶ୍ଚର୍ଯ୍ୟଜନକ ଏବଂ ଲାଭଦାୟକ ପରିବର୍ତ୍ତନ ହେଉଛି ଗ୍ରାଚ୍ୟୁଇଟି । ପୁରୁଣା ନିୟମ ଅନୁଯାୟୀ, ଗ୍ରାଚ୍ୟୁଇଟି ପାଇଁ ଗୋଟିଏ ସଂସ୍ଥାରେ ଅତିକମ୍‌ରେ ୫ ବର୍ଷ କାମ କରିବା ଆବଶ୍ୟକ ଥିଲା । କିନ୍ତୁ, ଏବେ ମାତ୍ର ବର୍ଷେ ଚାକିରି ପରେ ମଧ୍ୟ କର୍ମଚାରୀ ଗ୍ରାଚ୍ୟୁଇଟି ପାଇଁ ହକଦାର ହେବେ । କମ୍ପାନୀକୁ ଏହି ରାଶି ୩୦ ଦିନ ମଧ୍ୟରେ ପ୍ରଦାନ କରିବାକୁ ହେବ । ଯଦିଓ ୨ ଦିନ ମଧ୍ୟରେ ସେଟେଲମେଣ୍ଟ ପାଇଁ ନିୟମ ରହିଛି, ତଥାପି କିଛି ସ୍ୱତନ୍ତ୍ର ପରିସ୍ଥିତି ଏବଂ କମ୍ପାନୀର ନୀତି ଅନୁଯାୟୀ ଏହା ସର୍ବାଧିକ ୧ ମାସ ପର୍ଯ୍ୟନ୍ତ ଯାଇପାରେ । ତେବେ ନୂଆ ନିୟମ କର୍ମଚାରୀଙ୍କ ଆର୍ଥିକ ସୁରକ୍ଷାକୁ ଦୃଷ୍ଟିରେ ରଖି ଏକ ବଳିଷ୍ଠ ପଦକ୍ଷେପ ବୋଲି କୁହାଯାଉଛି ।

# ବିହାରର ରାଜ୍ୟପକ୍ଷୀ ଘରଚଟିଆ



ଡ. ବିଜୟ କେତନ ପଟ୍ଟନାୟକ
ଅବସରପ୍ରାପ୍ତ ପ୍ରଧାନ ମୁଖ୍ୟ ବନପ୍ରାଣୀ ସଂରକ୍ଷକ, ଓଡ଼ିଶା
ମୋ : ୯୪୩୭୦୦୦୯୦୪

କୃଷକ ବନ୍ଧୁ ଭାବେ ପରିଚିତ ଘରଚଟିଆ ବିହାରର ରାଜ୍ୟପକ୍ଷୀ ଅଟେ । ପରେ ୨୦୧୨ମସିହାରେ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀର ରାଜ୍ୟପକ୍ଷୀ ଭାବେ ମଧ୍ୟ ଘରଚଟିଆକୁ ଘୋଷଣା କରାଯାଇଛି । ଏହି ପକ୍ଷୀର ବୈଜ୍ଞାନିକ ନାମ ପାସେର ଡୋମେଷ୍ଟିକ୍‌ସ । ଇଂରାଜୀ ନାମ-ହାଉସ ସ୍ପାରୋ, ହିନ୍ଦୀରେ କୁହନ୍ତି ଗୌରିୟାଗା, ପାସେଇଟି ବଂଶର ପକ୍ଷୀ,ପ୍ରଜାତି ପାସେର । ବ୍ୟାପ୍ତି ଓ ବିସ୍ତୃତି-ପୃଥିବୀର ଯେଉଁ ଯେଉଁ ସ୍ଥାନରେ ମନୁଷ୍ୟମାନେ ବସବାସ କରନ୍ତି, ସେଠି ଘରଚଟିଆ ଦେଖିବାକୁ ମିଳନ୍ତି । ଏସିଆ ଏବଂ ୟୁରୋପ ମହାଦେଶ ଏହି ପକ୍ଷୀଟିର ସ୍ୱାଭାବିକ ବା ପ୍ରାକୃତିକ ଆବାସସ୍ଥଳୀ । ଭାରତର ସବୁ ଅଞ୍ଚଳରେ ଏହି ପକ୍ଷୀ ଦେଖାଯାଇଥାଏ । ରାଜସ୍ଥାନର ମରୁଭୂମି, ହିମାଳୟ ପାଦଦେଶର ପାର୍ବତ୍ୟାଞ୍ଚଳ, ଜନାକୀର୍ଣ୍ଣ ସହର ଅବା ଗ୍ରାମୀଣ ପରିବେଶ ହେଉ, ଯେଉଁଠି ମଣିଷମାନେ ବସବାସ କରନ୍ତି, ସେଠି ତାଙ୍କର ସହଚର ଓ ସହଯୋଗୀ ରୂପେ ଘରଚଟିଆ ମଧ୍ୟ ବାସ କରେ। ଧାନ,ଗହମ, ଓ ଡାଲି ଜାତୀୟ ଶସ୍ୟକ୍ଷେତ୍ର ନିକଟରେ ଘରଚଟିଆ ପକ୍ଷୀ ଦଳଦଳ ହୋଇ ଘୁରି ବୁଲୁଥିବାର ଲକ୍ଷ୍ୟ କରାଯାଏ । ଦୂର ଦୂରାନ୍ତର କୌଣସି ଏକ ଦୁର୍ଗମ ସ୍ଥାନରେ ମନୁଷ୍ୟ ଯାଇ ବସବାସ କରିବା ମାତ୍ରେ, ଯେଉଁ ପକ୍ଷୀମାନେ ସେଠାରେ ଯାଇ ପହଞ୍ଚିଥାଆନ୍ତି, ସେମାନଙ୍କ ଭିତରେ ଘରଚଟିଆ ପ୍ରଥମ । ପ୍ରଥମ ପର୍ଯ୍ୟାୟରେ ପ୍ରାଣୀ ବିଜ୍ଞାନରେ ଶ୍ରେଣୀ ବିଭାଗ କରି ଦ୍ୱିଶବ୍ଦ ବିଶିଷ୍ଟ ନାମ ପ୍ରଦାନ କରାଯାଇଥିବା ଜୀବଜନ୍ତୁଙ୍କ ମଧ୍ୟରେ ଘରଚଟିଆ ଅନ୍ୟତମ । ଘରଚଟିଆ ପକ୍ଷୀର ବୈଜ୍ଞାନିକ ନାମ ଏବଂ ଚିରାଚରିତ ଇଂରାଜୀ ନାମର ଭାବାର୍ଥ ଏକ। ଏହି ପକ୍ଷୀଟି ପାସେର ପ୍ରଜାତିର । ପାସେର ଏକ ଲାଟିନ୍ ଶବ୍ଦ ଯାହାର ଅର୍ଥ କର୍ମଠ ଓ ନିରଳସ ଛୋଟ ପକ୍ଷୀ । ଇଂରାଜୀ ଶବ୍ଦ ସ୍ପାରୋ ମଧ୍ୟ ସେହିପରି ଏକ ମୂଳଶବ୍ଦ ଯାହା ଗତି ବା ବେଗରୁ ଆସିଛି । ଡୋମେଷ୍ଟିକ୍‌ସ ମଧ୍ୟ ଏକ ଲାଟିନ୍ ଶବ୍ଦ ଯାହାର ଅର୍ଥ ଘର ସମ୍ପର୍କିତ ବୋଲି ବୁଝାଇଥାଏ । ଦେଖିବାକୁ ଗଲେ ଘରଚଟିଆ ଏକ ସାମାଜିକ ଘରୋଇ ପକ୍ଷୀ ବିଗତ ଦଶ ହଜାର ବର୍ଷ ହେଲା ଏହି ପକ୍ଷୀ ମନୁଷ୍ୟର ସାମାଜିକ ଚଳଣୀ ସହିତ ଓତପ୍ରୋତ ଭାବେ ଜଡିତ । ଶାରୀରିକ ଆକୃତି-ଘରଚଟିଆ ପାଞ୍ଚ ଇଞ୍ଚରୁ ଛଅ ଇଞ୍ଚ ଲମ୍ବର ଛୋଟିଆ ପକ୍ଷୀଟିଏ। ଶରୀରର ଓଜନ ୨୪ରୁ ୪୦ଗ୍ରାମ ଭିତରେ । ମାଇ ପକ୍ଷୀର ପିଠି ପଟର ବର୍ଣ୍ଣ ମାଟିଆ ବାଦାମୀ । ପେଟର ରଂଗ ପାଉଁଶିଆ ଧଳା । ପିଠି ଉପରେ ହଳଦିଆ ଡୋରିଆ ଗାର ପଡି ଥାଏ । ଅଣ୍ଡିରା ପକ୍ଷୀର ମୁଣ୍ଡଟି ଅପେକ୍ଷାକୃତ ବଡ ଓ ଗୋଲାକାର । ଛାତି ପ୍ରଶସ୍ତ,ଏହାର ମୁଣ୍ଡଟି ପାଉଁଶିଆ ଧୂସର ହୋଇଥିଲା ବେଳେ,ବେକ ପାଖରେ କଳା ରଂଗର ଦାଗ ଥାଏ । ଥଣ୍ଟ ଶକ୍ତ ଏବଂ ଗୋଜିଆ । ଶସ୍ୟ କ୍ଷେତରୁ ବୀଜ ଖୁଣ୍ଟି ଖାଇବା ପାଇଁ ଏହା ଉପଯୁକ୍ତ ହୋଇଥାଏ । ପ୍ରଜନନ ଋତୁରେ ପୁରୁଷ ପକ୍ଷୀର ଥଣ୍ଟ ସାଧାରଣତଃ କଳା ଦେଖାଯାଏ । ଅନ୍ୟ ସମୟରେ ଏହାର ରଙ୍ଗ ଧୂସରିଆ କଳା । ମାଇ ପକ୍ଷୀର ଥଣ୍ଟ ଧୂସର ବାଦାମୀ, କିନ୍ତୁ ପ୍ରଜନନ ଋତୁରେ ଥଣ୍ଟଟି କଳା ହେବାକୁ ଲାଗେ । ଘରଚଟିଆ ପକ୍ଷୀର ଲାଞ୍ଜ ଗୁଡିକ ଛୋଟ, ପାଞ୍ଚ ସେଣ୍ଟିମିଟରରୁ ଛଅ ସେଣ୍ଟିମିଟରର ହୋଇଥାଏ । ଅଣ୍ଡିରା ବା ପୁରୁଷ ଘରଚଟିଆର ଆକୃତି ଶୀତଦିନେ ସାମାନ୍ୟ ବଢିଥାଏ, କିନ୍ତୁ ମାଇ ପକ୍ଷୀର ଆକୃତି କେବଳ ପ୍ରଜନନ ଋତୁରେହିଁ ବୃଦ୍ଧି ପାଏ । ଏହା ବ୍ୟତୀତ ଅଧିକ ଉଚ୍ଚତାରେ ଥିବା ଥଣ୍ଡା ସ୍ଥାନରେ,ଏହି ପକ୍ଷୀମାନଙ୍କର ଆକୃତି ସ୍ୱାଭାବିକ ବଡ ହୋଇଥାଏ । ଖାଦ୍ୟ ବା ଆହାର-ମାଟି ଉପରେ ବିଞ୍ଚି ହୋଇ ପଡିଥିବା ଧାନ, ଗହମ, ମାଣ୍ଡିଆ, ଆଦି ଶସ୍ୟ ଓ ରାଶି, ସୋରିଷ ଆଦି ତୈଳବୀଜ ଘରଚଟିଆ ମାନଙ୍କର ମୁଖ୍ୟ ଆହାର। ଶୀତଋତୁରେ ବହୁ ସଂଖ୍ୟକ ଘରଚଟିଆ ଏକତ୍ର ହୋଇ ଶସ୍ୟକ୍ଷେତ ନିକଟରେ ଚରୁଥିବାର ଦେଖାଯାଏ । ବିଲରେ ପାକଳ ହୋଇଥିବା ଧାନ, ଗହମ ଓ ଡାଲିଜାତୀୟ ଶସ୍ୟ ଖାଇଦେଇ ସେମାନେ କୃଷକର ବ୍ୟାପକ କ୍ଷତି କରିଥାନ୍ତି । ଏହା ବ୍ୟତୀତ ବାଡି ବଗିଚାରେ ଥିବା ଫଳ ଓ ପନିପରିବା ଗଛର କଅଁଳ କାଣ୍ଡ ଓ ଫୁଲ, କଢକୁ ମଧ୍ୟ ଘରଚଟିଆ ଖାଇ ନଷ୍ଟ କରିଦିଏ । ସେଥିପାଇଁ କୃଷକ ଓ ଗୃହସ୍ଥ ଏହି ପକ୍ଷୀଟିକୁ ଭଲ ଆଖିରେ ଦେଖିପାରନ୍ତି ନାହିଁ । ଏ ସଂପର୍କରେ ଚୀନ୍ ଦେଶରେ ଏକ ଲୋକକଥା ଅଛି । ଥରେ ଏହି କାରଣରୁ ସେଠାରେ ଘରଚଟିଆ ବଂଶ ସଂପୂର୍ଣ୍ଣ ଲୋପ କରିବାକୁ ନିଷ୍ପତ୍ତି ନିଆଗଲା କାରଣ ଘରଚଟିଆ ପକ୍ଷୀ ବହୁ ପରିମାଣରେ ବିଲ ବାଡିରେ ଫସଲ ଖାଇ ନଷ୍ଟ କରି ଦେଉଥିଲେ । ସେଠାରେ ଘରଚଟିଆ ବଂଶ ଲୋପ ପାଇଗଲା । କିନ୍ତୁ ଫଳ ହେଲା ଓଲଟା । ଫସଲ ଅଧିକ ଅମଳ ହେବା ପରିବର୍ତ୍ତେ କମିବାକୁ ଲାଗିଲା । ଏହାର କାରଣ ହେଲା ଘର ଚଟିଆମାନେ ଫସଲ ଖାଇ ନଷ୍ଟ କରିବା ସଙ୍ଗେ ସଙ୍ଗେ ଶସ୍ୟ କ୍ଷେତ୍ରରେ ଥିବା କୀଟ ପତଙ୍ଗ ମାନଙ୍କୁ ମଧ୍ୟ ମାରି ଖାଇ ଦେଉଥିଲେ । ଏହା ଜଣାପଡିବାରୁ ଚୀନରେ ଘରଚଟିଆ ମାରଣ ନୀତି ବନ୍ଦ କରି ସେମାନଙ୍କୁ ସୁରକ୍ଷା ଦିଆଗଲା । ଗ୍ରାମ ଓ ସହର ମାନଙ୍କରେ ଏହି ପକ୍ଷୀମାନଙ୍କର ସଂଖ୍ୟା ଅନେକ ପରିମାଣରେ ଘୋଡା ଓ ଗାଈ ସଂଖ୍ୟା ଉପରେ ନିର୍ଭର କରିଥାଏ । କାରଣ ପକ୍ଷୀମାନେ ସେମାନଙ୍କ ମଳରେ ଜୀର୍ଣ୍ଣ ନ ହୋଇ ବାହାରି ଥିବା ଶସ୍ୟକୁ ଖୁଣ୍ଟି ଖାଇଥାନ୍ତି । ଅଳିଆ,ଆବର୍ଜନା ଗଦାରୁ ଏବଂ ହୋଟେଲ ତଥା ରେଷ୍ଟୁରାଣ୍ଟ ବାହାରେ ପଡିଥିବା ବଳକା ଖାଦ୍ୟରୁ ମଧ୍ୟ ସେମାନେ ନିଜର ଆହାର ସଂଗ୍ରହ କରିଥାନ୍ତି ।

ପରିବେଶ ଓ ବ୍ୟବହାର-ସାଧାରଣତଃ ମନୁଷ୍ୟ ବସବାସ କରୁଥିବା ସ୍ଥାନରେ ବା ତା ଆଖପାଖରେ ରହିବାକୁ ଘରଚଟିଆ ଅଧିକ ପସନ୍ଦ କରିଥାଏ । ବିସ୍ତୃତ ଘଞ୍ଚ ଜଙ୍ଗଲ ବା ଲୋକଶୂନ୍ୟ ଖାଁ ଖାଁ ମରୁଭୂମି ସେମାନଙ୍କର ଆଦୌ ପସନ୍ଦ ନୁହେଁ । ଘର ଭିତରେ ପ୍ରାୟତଃ ହଳହଳ ହୋଇ ଏମାନେ ଉଡି ବୁଲନ୍ତି । କିନ୍ତୁ ବାହାରେ ଖୋଲା ଜାଗାରେ ଏମାନେ ପ୍ରାୟ ଦଳବଦ୍ଧ ହୋଇ ଉଡୁଆନ୍ତି । ଧାନମଣ୍ଡି ବା ଚାଉଳ ଖୋଲା ନିକଟରେ ଏବଂ ଅମଳ ସମୟରେ ପାଚିଲା ଶସ୍ୟ କ୍ଷେତରେ ଦେଖିବେ ଏମାନଙ୍କ ପଟୁଆର । ପୁରୁଷପକ୍ଷ ଯେତେବେଳେ ଉତ୍ତେଜିତ ହୋଇପଡେ, ସେତେବେଳେ ଚିର୍ ଚିର୍ ଶବ୍ଦ କରି ଅନ୍ୟ ପକ୍ଷୀମାନଙ୍କ ସହିତ ଝଗଡା କରେ । ବେଳେବେଳେ କୌତୁକରେ ମଧ୍ୟ ନିଜ ନିଜ ଭିତରେ ଗୋଡିଆଗୋଡି, ଖେଣ୍ଟା ଖେଣ୍ଟି ହୁଅନ୍ତି । ଘରଚଟିଆ ପକ୍ଷୀର କଣ୍ଠ ସ୍ୱରଟି ନରମ ଓ ମିଠା ହୋଇଥିଲେ ମଧ୍ୟ ଅବିଶ୍ରାନ୍ତ ଚିର୍ ଚିର୍ ଶବ୍ଦ କରୁଥିବାରୁ ବେଳେ ବେଳେ ଶ୍ରୁତି କଟୁ ଲାଗେ । ପିଲାମାନଙ୍କ ପାଇଁ ଟିକି ଡେଣା ନେଇ ଉଡି ବୁଲୁଥିବା ଘରଚଟିଆ ବେଶ୍ କଉତୁକିଆ ମନେହୁଏ ।

ପ୍ରଜନନ-ସୂର୍ଯ୍ୟଙ୍କର ଉତ୍ତରାୟଣ ହୋଇ ଦିନର ଅବଧି ବଢିଲେ ଘରଚଟିଆଙ୍କର ପ୍ରଜନନ ଋତୁ ଆସିଥାଏ । ଏହି ସମୟରେ ପୁରୁଷ ପକ୍ଷୀଟି ସ୍ତ୍ରୀ ପକ୍ଷୀକୁ ଆକୃଷ୍ଟ କରିବା ପାଇଁ ଏକ ମିଠା, କଅଁଳ ଓ ତୋଷାମଦ କଲାଭଳି ଡାକଦିଏ। ସାଧାରଣତଃ ଗୋଟିଏ ପୁରୁଷ ପକ୍ଷୀ ଗୋଟିଏ ମାଇ ପକ୍ଷୀକୁ ଆଦରିଥାଏ । କ୍ୱଚିତ୍ ଏହାର ବ୍ୟତିକ୍ରମ ମଧ୍ୟ ଦେଖିବାକୁ ମିଳେ । ଅନେକ ସମୟରେ ଦେଖାଯାଏ, ପ୍ରଜନନ ଋତୁ ଆରମ୍ଭ ହୋଇଗଲେ, ପୁରୁଷ ପକ୍ଷୀ ତାର ନରମ ପରକୁ ଫୁଲାଇ ଦିଏ । ପିଚା ଅଂଶକୁ ଧନୁପରି ଅର୍ଦ୍ଧ ବୃତ୍ତାକାର କରେ, ଡେଣା ଦୁଇଟିକୁ ଦୁଇ କଡକୁ ଝୁଲାଇଦିଏ । ଅଳ୍ପ ଉପରକୁ ଟେକି ହୋଇ ରହିଥିବା ପୁଚ୍ଛକୁ ଝୁଙ୍କାଇ ସଗର୍ବରେ ଚାଲେ । ପ୍ରଜନନ ପୂର୍ବରୁ ପୁରୁଷ ପକ୍ଷୀ ନିଡ ରଚନା କରେ । ଘରଚଟିଆର ନୀଡ ବା ବସା ଦେଖିବାକୁ ଆଦୌ ପରିଷ୍କାର ବା ସୁନ୍ଦର ନୁହେଁ ଏହା ଭଲ ଭାବରେ ପ୍ରସ୍ତୁତ ନ ହୋଇ ଅଳିଆ, କାଠି, କୁଟା ଓ ଛିଣ୍ଡା ସୂତାର ସମାହାରରେ କେବଳ ର ଠ କାମ ହୋଇଥାଏ। ଚାଳଘର କାନ୍ଥରେ ଥିବା ଠଣାରେ ବା କଡି ବରଗା ତଳେ, କୋଠାଘରର ସ୍କାଇଲାଇଟରେ କିମ୍ବା ବହିଥାକ କଣରେ ସେମାନେ ନୀଡ ରଚନା କରନ୍ତି । ବେଳେବେଳେ ସହରର ବତୀଖୁଣ୍ଟରେ ଥିବା ବିଜୁଳି ବତୀ ନିକଟରେ ବା ନିଅନ ସାଇନବୋର୍ଡ ପାଖରେ ମଧ୍ୟ ଅଣ୍ଡା ଉଷୁମେଇବା ନିମନ୍ତେ ଆବଶ୍ୟକୀୟ ଉତ୍ତାପ ପାଇବା ପାଇଁ ସେମାନେ ଅଣ୍ଡା ଦେଇଥାନ୍ତି । ଗରମ ଅନୁଭୂତ ହେଉଥିବା ଅଞ୍ଚଳରେ ଥିବା ଖୋଲା ସ୍ଥାନରେ ବା ଗଛ ଶାଖା କିମ୍ବା କୋରଡରେ ମଧ୍ୟ ସେମାନେ ବସା ବାନ୍ଧିଥାନ୍ତି ଏହି ବସାରେ ମାଇ ଘରଚଟିଆ ଥରକରେ ତିନୋଟିରୁ ପାଞ୍ଚଟି ଅଣ୍ଡା ଦିଏ । ଅଣ୍ଡାଗୁଡିକ ଫିକା ପାଉଁଶିଆ ରଙ୍ଗର ହୋଇଥାଏ । ଅଣ୍ଡା ଦେବାର ଚଉଦ, ପନ୍ଦର ଦିନ ଭିତରେ ଛୋଟଛୋଟ ବାଟି ଆକୃତିର ଛୁଆମାନେ ବାହାରି ଖପର ଖାପର ଡେଇଁବାରେ ଲାଗନ୍ତି। ସାମ୍ପ୍ରତିକ ସ୍ଥିତି-ଏକ ପ୍ରଜାତିର ଚିଲ ଜାତୀୟ ପକ୍ଷୀ ଘରଚଟିଆର ପ୍ରଧାନ ଶତ୍ରୁ । ଘର ଭିତରେ ବୁଲୁଥିବା ପୋଷା ବିରାଡି ଓ ଗୁଣ୍ଡୁଚିମୂଷା ଘରଚଟିଆକୁ ମାରି ଖାଇଥାନ୍ତି । ଆଇ.ୟୁ.ସି.ଏନ୍ ଦ୍ୱାରା ପ୍ରକାଶିତ ରେଡପଟା ବୁକ୍ ତଥ୍ୟ ଅନୁସାରେ ଘରଚଟିଆର ସ୍ଥିତି ଆଦୌ ଉଦବେଗ ଜନକ ନୁହେଁ ବୋଲି ଦର୍ଶାଯାଇଛି । କିନ୍ତୁ ଆମ ଓଡିଶାର ସହରରେ, କୋଠାବାଡିରେ ପରିପୂର୍ଣ୍ଣ କଂକ୍ରିଟ୍ ଜଙ୍ଗଲରେ ଘରଚଟିଆ ପକ୍ଷୀ ଦେଖିବାକୁ ମିଳୁନାହାଁନ୍ତି । କାରଣ ସହରର କୋଠାଘରେ ବସା ଗଢିବାର ସୁଯୋଗ ନ ଥିବାରୁ, ନିକଟରେ ବିଲ ବାଡି ନ ଥିବାରୁ ଶସ୍ୟ ଜାତୀୟ ଖାଦ୍ୟର ଅଭାବ, ଶସ୍ୟରେ ଅଧିକ କୀଟନାଶକ ଔଷଧର ପ୍ରୟୋଗ ଏବଂ ଯାନବାହାନ ପରିବହନ ଜନିତ ବାୟୁ ପ୍ରଦୂଷଣ ହେତୁ, ସେମାନଙ୍କର ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି। ଭାରତୀୟ ବନ୍ୟପ୍ରାଣୀ ଅଇନ୧୯୭୨ରେ ଘରଚଟିଆକୁ ଚତୁର୍ଥଶ୍ରେଣୀ ତାଲିକାରେ ରଖାଯାଇଥିଲା । କିନ୍ତୁ ୨୦୨୨ର ସଂଶୋଧିତ ଆଇନରେ ଏହି ପକ୍ଷୀକୁ ଦ୍ୱିତୀୟ ଖସଡା ଶ୍ରେଣୀଭୁକ୍ତ କରାଯାଇଛି । ଏହାର ଅର୍ଥ ସେମାନଙ୍କର ସୁରକ୍ଷା ଓ ସଂରକ୍ଷଣ ଉପରେ ଅଧିକ ଜୋର୍ ଦିଆଯାଇଛି ଏବଂ ସେମାନଙ୍କୁ ଧରିବା, ଶିକାର କରିବା ଅବୈଧ ଘୋଷଣା କରାଯାଇଛି । ଘରଚଟିଆ ପକ୍ଷୀର ସଂରକ୍ଷଣ ତଥା ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ୨୦୧୦ମସିହା ପରଠାରୁ ପ୍ରତିବର୍ଷ ମାର୍ଚ୍ଚମାସ ୨୦ତାରିଖ ଦିନ ବିଶ୍ୱ ଘରଚଟିଆ ଦିବସ ପାଳିତ ହୋଇଆସୁଛି ।

# ଓଡ଼ିଆ ଅସ୍ମିତାର ଅତୀତ- ବର୍ତ୍ତମାନ- ଭବିଷ୍ୟତ



ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

ଓଡ଼ିଆ ଅସ୍ମିତା କହିଲେ ଓଡିଆ ଜାତିର ଅହଂଜ୍ଞାନ, ଗୋଟିଏ ମହାନ ଜାତିର ଅହଂ ସଚେତନତା। ଉତ୍କଳର ଏହି ପବିତ୍ର ମାଟିରେ କେତେ ବିଦେଶୀ ଆସିଛନ୍ତି, ଆସନ ଜମେଇ ବସିଛନ୍ତି, ଶୋଷଣ କରି ଉଡିଯାଇଛନ୍ତି, କେତେ ପୁଣି ଓଡିଆ ଅସ୍ମିତାକୁ ଆପଣେଇ ନେଇ ରହି ଯାଇଛନ୍ତି ଓଡିଆ ହୋଇ। ରକ୍ତ ସହିତ ରକ୍ତ ମିଶିଗଲା ପରି ସେମାନେ ଓଡିଆର ଭାଷା, ସାହିତ୍ୟ, ସଂସ୍କୃତି, କଳା ଓ ଧର୍ମଧାରା ସହିତ ଏକାତ୍ମ ହୋଇ ଯାଇଛନ୍ତି। ଓଡିଆ ଜାତିର ଅସ୍ମିତାର ଗୌରବ ଖ୍ରୀଷ୍ଟପୂର୍ବ କାଳରୁ ପ୍ରାୟ ଷୋଡଶ ଶତାବ୍ଦୀ ପର୍ଯ୍ୟନ୍ତ ରହିଥିଲା ଅକ୍ଷୁର୍ଣ୍ଣ। ଏହି ସମୟରେ କେତେ କେତେ ବିବର୍ତ୍ତନ ଦେଇ ଗଢି ଉଠିଥିଲା ଓଡିଆ ଭାଷା, ସାହିତ୍ୟ, ମନ୍ଦିର, ଶିଳ୍ପ-କଳା, ନୌବାଣିଜ୍ୟ ଓ ପ୍ରଜାଭିମୁଖୀ ରାଜତନ୍ତ୍ର। ପୁନଶ୍ଚ ଓଡିଆ ଅସ୍ମିତାର ପ୍ରତିଷ୍ଠା ପାଇଁ ଗୋଟିଏ ଦୁର୍ଦ୍ଧର୍ଷ ପାଇକ ବାହିନୀ-ସାମରିକ ଶକ୍ତି ଗଢି ଉଠିଥିଲା, ଯାହା ଓଡିଶାକୁ ଓ ଓଡିଆ ଜାତିକୁ ସମଗ୍ର ଭାରତ ବର୍ଷରେ ଏକ ସ୍ୱତନ୍ତ୍ର ପରିଚୟ ଦେଇ ନିଆରା କରି ଚିହ୍ନାଇ ଦେଇଥିଲା। ଓଡିଆ ଅସ୍ମିତାର ଅତୀତ ଥିଲା ପ୍ରକୃତରେ ଗୌରବମୟ। ତାହା ବର୍ତ୍ତମାନ ପରି ଗୋଲାମୀତ୍ୱର ନିଦର୍ଶନ ନଥିଲା; ଥିଲା ସ୍ୱାଭିମାନ ଓ ସ୍ୱାଧିକାରବୋଧର ନିଦର୍ଶନ। ଯଦି ଆମେ ଟିକେ ଦୂରକୁ ଦୃଷ୍ଟିପାତ କରିବା ତେବେ ଆମେ ପାଇବା ଓଡିଶା ବୋଲି ଗୋଟିଏ ରାଷ୍ଟ୍ର ନଥିଲା, ଓଡିଆ ଭାଷା ନଥିଲା ଜଗନ୍ନାଥ ଓ ଜଗନ୍ନାଥ ସଂସ୍କୃତି ନଥିଲା, ଥିଲା କଳିଙ୍ଗ ଓ ଉତ୍କଳ। ଥିଲା କଙ୍ଗୋଦ ଓ କୋଶଳ। ଉଡ୍ର ଥିଲା ମାତ୍ର ତାର ଅସ୍ତିତ୍ୱ ଏତେ ସ୍ପଷ୍ଟ ନଥିଲା। ଯେତେବେଳେ କଳିଙ୍ଗର ଗୌରବ ଥିଲା ସେତେବେଳେ ମଗଧ ସମ୍ରାଟ ଅଶୋକ ବିପୁଳ ସେନାବାହିନୀ ଧରି କଳିଙ୍ଗ ଆକ୍ରମଣ କଲେ, କଳିଙ୍ଗ ଧ୍ୱସ୍ତ ବିଧ୍ୱସ୍ତ କଲେ, ରକ୍ତ ନଦୀ ପ୍ରବାହିତ କଲେ। କଳିଙ୍ଗ ପରାଜିତ ହେଲା ମାତ୍ର ହରାଇ ନଥିଲା ନିଜର ଅସ୍ମିତା। ପରାଜୟ ସ୍ୱୀକାର କଲା ନାହିଁ କିନ୍ତୁ ପରିବର୍ତ୍ତନ କରିଥିଲା ଦିଗ୍ ବିଜୟୀ ଅଶୋକଙ୍କ ହୃଦୟକୁ। ବୌଦ୍ଧଧର୍ମ ଗ୍ରହଣ କରି 'ଚଣ୍ଡାଶୋକରୁ ହେଲେ ଧର୍ମାଶୋକ'। ଧଉଳି ପାହାଡ ଉପରେ ପ୍ରତିଷ୍ଠା କଲେ ସ୍ତୂପ, ଖୋଦନ କଲେ ଐତିହାସିକ ଶିଳା ଲେଖ। ମନେ ହୁଏ ଅଶୋକଙ୍କ ଏହି କୀର୍ତ୍ତି ତାଙ୍କର ନୁହେଁ ଓଡିଆ ଜାତିର ଅସ୍ମିତାର ବିଜୟ ସ୍ତମ୍ଭ। କଳିଙ୍ଗର ଅସ୍ମିତା ବା ଓଡିଆ ଅସ୍ମିତା ମରିଗଲା ନାହିଁ। ଏହାର ଗୋଟିଏ ବର୍ଷ ପରେ ବିକଶି ଉଠିଥିଲା ଖାରବେଳଙ୍କ ସମୟ ଏବଂ ଖାରବେଳ ହୋଇଯାଇଥିଲେ ଓଡିଆ ଅସ୍ମିତାର ମହାଦୀପ। ଓଡିଆ ଅସ୍ମିତା ସତ୍ୟ ସାନ୍ତି ଦୟା କ୍ଷମା ତ୍ୟାଗ ଓ ତିତିକ୍ଷାର ଅସ୍ମିତା। ଖାରବେଳେ ହେଲେ ଏହାର ଜୀବନ୍ତ ପ୍ରତିଭୂ। ଯଦିଓ ସେ ରାଜା ମାତ୍ର ତାଙ୍କୁ ସିଂହାସନ ମୋହଗ୍ରସ୍ତ କରି ନାହିଁ। ଭୋଗ ବିଳାସ ତାଙ୍କୁ ଆକର୍ଷଣ କରିପାରଲା ନାହିଁ। ସେ ଜୈନ ମାତ୍ର କୌଣସି ଧର୍ମ ପ୍ରତି ସେ ଅସହିଷ୍ଣୁ ନଥିଲେ। ପ୍ରକୃତରେ ସେ ଥିଲେ 'ଧର୍ମନିରପେକ୍ଷ'। ରାଜା ବା ଶାସକ ଯେଉଁଠି ମୋହଗ୍ରସ୍ତ ହୁଏ, ଭୋଗୀ ହୁଏ, ସ୍ୱେଚ୍ଛାଚାରୀ ହୁଏ, ବିମୁଢ ଅହଂକାରୀ ହୁଏ ସେଠି ସେ ରାଷ୍ଟ୍ର ବା ଜାତିକୁ ଗୌଣ ମନେକରେ ଜାତିର ଅସ୍ମିତାକୁ ଅବଜ୍ଞା କରେ। ଯାହା ଆଜି ଆମର ନେତୃବର୍ଗଙ୍କ ପାଖରେ ଦେଖିବାକୁ ମିଳୁଛି। ଆଜିର ନବନିର୍ବାଚିତ ବିଧାୟକ କେଇଟା ଦିନରେ ଅମାପ ପ୍ରାଚୁର୍ଯ୍ୟର ଅଧିକାରୀ ହେବା ସଙ୍ଗେ ସଙ୍ଗେ ଧରାକୁ ସରା ମଣନ୍ତି ନାହିଁ। ଯେଉଁଠି ଅହଂ, ମୋହ, ଲୋଭ ଓ ସତା ଲାଭର ଲାଳସା ନଥାଏ ସେଠାରେ ଜାତିର ଅସ୍ମିତା ପ୍ରତି ସମ୍ମାନ ପ୍ରକାଶ ପାଇଥାଏ। ମାତ୍ର ୧୪ ବର୍ଷର ଶାସନ ଅବଧିରେ ସେ କୃଷିର ଉନ୍ନତି ପାଇଁ ଜଳସେଚନ ବ୍ୟବସ୍ଥା, ରାଷ୍ଟ୍ରର ସୁରକ୍ଷା ପାଇଁ ବିପୁଳ ସେନାବାହିନୀ ଗଠନ, କଳା-ସଂସ୍କୃତିର ବିକାଶ ଇତ୍ୟାଦି କାର୍ଯ୍ୟ ସହିତ ସାରା ଭାରତ ବର୍ଷରେ ବିଜୟ ବାନା ଉଡାଇ ଥିଲେ। ତାଙ୍କ ଚରିତ୍ରର ବୈଶିଷ୍ଟ୍ୟ, ଉଦାର ମାନବିକତା, ଜାତୀୟ ସଂହତି ପ୍ରତିଷ୍ଠା ଏବଂ ତାଙ୍କରିଠାରୁ ଯେଉଁ ଓଡିଆ ଅସ୍ମିତାର ଉନ୍ମେଷ ଘଟିଲା ତାହାହିଁ ବହୁକାଳ ପର୍ଯ୍ୟନ୍ତ ଓଡିଆ ଜାତିକୁ ଆଗେଇ ନେଇଥିଲା। ପ୍ରତିଷ୍ଠା ଲାଭ କରିଥିଲା ତାର ଭାଷା ଓ ସାହିତ୍ୟ, ଜଗନ୍ନାଥ ଧର୍ମ ଓ ସଂସ୍କୃତି, ଶିଳ୍ପ-କଳା ଓ ସ୍ଥାପତ୍ୟ। ଏ ପର୍ଯ୍ୟନ୍ତ ଯେଉଁ ଦୁଇଟି ମୁଖ୍ୟ ଜୀବିକା ଓଡିଆ ଅସ୍ମିତାର ଯଶ ଓ କୀର୍ତ୍ତି ସ୍ଥାପନ କରିଥିଲା ତାହା ହେଲା କୃଷି ଓ ନୌବାଣିଜ୍ୟ। ଯାହାର ଆଜି ବିପର୍ଯ୍ୟୟ ଘଟିବାରେ ଲାଗିଛି। ଖାରବେଳଙ୍କ 'କଳିଙ୍ଗ' ଯେପରି ସମଗ୍ର ଭାରତ ବର୍ଷରେ ପ୍ରତିଷ୍ଠା ଅର୍ଜନ କରିଥିଲା ସେହିପରି 'କପିଳେନ୍ଦ୍ର' ଙ୍କ 'ଓଡିଶା' ଗୌରବ ଅର୍ଜନ କଲା ଭାରତ ବର୍ଷରେ। ଏହାର କାରଣ ଥିଲା ରାଜନୀତିକ ଅଙ୍ଗୀକାରବଦ୍ଧତା, ପ୍ରଶାସନିକ ଶୃଙ୍ଖଳା, ବିଭିନ୍ନ ଜାତି ଭିତରେ ସାମାଜିକ ସହାବସ୍ଥାନ, ଦୃଢ ସାମରିକ ଶକ୍ତି, ପାଇକ ବାହିନୀର ଦେଶ ପ୍ରତି ଅନୁରକ୍ତି, ନୌବାଣିଜ୍ୟର ପ୍ରସାର ଓ ଆର୍ଥନୀତିକ ସ୍ୱଚ୍ଛଳତା, କୃଷି ପ୍ରତି ଜନଗଣଙ୍କର ଅନୁରାଗ। ଜୈନ ଓ ବୌଦ୍ଧ ଧର୍ମକୁ କେନ୍ଦ୍ର କରି ଓଡିଆ ଅସ୍ମିତାର ଯେଉଁ ବିକାଶ ସାଧିତ ହୋଇଥିଲା ତାହା ଶୈବ, ଶାକ୍ତ,ବୈଷ୍ଣବ, ସୌର, ଗାଣପତ୍ୟ ଆଦି ଧର୍ମର ଆଘାତରେ ଭାଙ୍ଗି ପଡିବା ସମୟରେ ଶ୍ରୀ ଜଗନ୍ନାଥ ଓ ଶ୍ରୀକ୍ଷେତ୍ରଙ୍କ ଆବିର୍ଭାବ ସେହି ଅସ୍ମିତାକୁ ଦୃଢ କରିଦେଲା ଓ କୋଟି ଓଡିଆର ମଉଡମଣି ଜଗନ୍ନାଥ ହୋଇଗଲେ ଓଡିଆ ଅସ୍ମିତାର ଏକମାତ୍ର ନିୟନ୍ତକ ଓ ପୃଷ୍ଠପୋଷକ। ଜଗନ୍ନାଥ ହୋଇଗଲେ ମାନବ-ମୈତ୍ରୀର ପ୍ରତୀକ ଓ ସର୍ବଧର୍ମ ସମନ୍ୱୟର ନିଦର୍ଶନ। ଜଗନ୍ନାଥଙ୍କ ଓଡିଆ ଜାତି ବାନ୍ଧି ହୋଇଥିଲା ଗୋଟିଏ ଭାବ ରଜ୍ଜୁରେ।

୧୫୬୮ ମସିହା ପରଠାରୁ ଆଫଗାନ ମୁସଲମାନ, ମୋଗଲ, ମରହଟ୍ଟା ଓ ଇଂରେଜ-ବଣିକ ଶାସନ ପର୍ଯ୍ୟନ୍ତ ଓଡିଶା ବିପର୍ଯ୍ୟସ୍ତ ହୋଇଗଲା। ଓଡିଆ ଅସ୍ମିତାକୁ ବିଲୋପ କରିବା ପାଇଁ ଦେହ-ବଳ ଓ ବୁଦ୍ଧି-ବଳ ପ୍ରୟୋଗ କରାଗଲା। ସୁବିଧାବାଦୀ ଓ ଉପଭୋଗୀମାନେ ସେହି ବିଦେଶୀ ଶକ୍ତି ନିକଟରେ ନତଜାନୁ ହୋଇଗଲେ ଓ ସେମାନେ ବି ପାଲଟି ଗଲେ ଶୋଷକ। ଏହିପରି ଏକ ପରିସ୍ଥିତିରେ ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ବେଳକୁ ଇଂରାଜୀ ଶିକ୍ଷା ସଂସ୍ପର୍ଶରେ ଯେଉଁ ନୂତନ ଶିକ୍ଷିତ ଗୋଷ୍ଠୀର ଆବିର୍ଭାବ ଘଟିଲା ସେମାନଙ୍କ ମଧ୍ୟରୁ ଅଳ୍ପ କେତେଜଣଙ୍କ ଭିତରେ ଜାତି-ପ୍ରୀତି ଓ ଭାଷା-ପ୍ରୀତି ସୃଷ୍ଟି ହେଲା। ସେମାନଙ୍କ ଭିତର ଦେଇ ଅତୀତର ଓଡିଆ ଅସ୍ମିତା ହେଲା ନବଜାଗରିତ। ସେତେବେଳର ଓଡିଶା ଆଉ ନାହିଁ, ପ୍ରତିବେଶୀ ରାଜ୍ୟ ସହିତ ଖଣ୍ଡ ଖଣ୍ଡ ହୋଇ ମିଶିଯାଇଛି। ଲୋକଙ୍କ ଭିତରେ ଜୀବନ ନାହିଁ। କୁଳବୃଦ୍ଧ ମଧୁସୂଦନଙ୍କ ଭାଷାରେ କେବଳ 'heaps of bones'- ହାଡ ଆଉ ହାଡ। ପୁଣି ଅସ୍ମିତାର ଯାହା ମୁଖ୍ୟ ସ୍ପନ୍ଦନ ସେହି ଭାଷାକୁ ବିଲୋପ କରିଦେବାର ଚକ୍ରାନ୍ତ। ଏହି ସମୟରେ ନଅଙ୍କ ଦୁର୍ଭିକ୍ଷ (୧୮୬୬) ଓଡିଆ ଜାତିକୁ ସଂପୂର୍ଣ୍ଣ ମୂକ କରି ଦେଇଥାଏ। ଏହି ଭଳି ଏକ ଘଡି ସନ୍ଧି ସମୟରେ କର୍ମଯୋଗୀ ଗୌରୀଶଙ୍କର ଓ ତାଙ୍କ ସମ୍ପାଦିତ 'ଉତ୍କଳଦୀପିକା' ଥିଲା ଓଡିଆ ଅସ୍ମିତାର ଆଦ୍ୟ ପାଞ୍ଚଜନ୍ୟ। ଫକୀର ମୋହନ, ରାଧାନାଥ, ପ୍ୟାରୀମୋହନ, ଗୋବିନ୍ଦ ରଥ, ନୀଳମଣି ବିଦ୍ୟାରତ୍ନ ପ୍ରମୁଖଙ୍କ ସହିତ ଶତାବ୍ଦୀର ଆରମ୍ଭ ବେଳକୁ ଆବିର୍ଭୂତ ହେଲେ 'ମଧୁସୂଦନ ଦାସ'। ତାଙ୍କ ପ୍ରତିଷ୍ଠିତ "ଉତ୍କଳ-ସମ୍ମିଳନୀ" ହେଲା ଓଡିଆ ଜାତୀୟତା ଓ ଅସ୍ମିତାର ଶଙ୍ଖଧ୍ୱନୀ। ସକଳ ବିରୋଧ ଓ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ମଧୁସୂଦନଙ୍କ ସ୍ୱପ୍ନର ଓଡିଶା ୧୯୩୬ ମସିହା ଏପ୍ରିଲ ପହିଲା ଦିନ ସାକାର ହେଲା। ନୂତନ ଓଡିଶାର ହେଲା ଜନ୍ମ। ସ୍ୱାଧୀନତା ପରେ ଛବିଶ ଗଡଜାତ (୧୯୪୮) ଓ ମୟୁରଭଞ୍ଜ (୧୯୪୯) ଓଡିସା ସହିତ ମିଶି ବୃହତ୍ତର ପ୍ରଦେଶ ଗଠିତ ହେଲା। ଦୀର୍ଘ ୪୦୦ ବର୍ଷ ପରେ ଆମେ ଫେରି ପାଇଲୁ ଆମର ହୃତ ଗୌରବ। ଏବେ ସ୍ୱାଧୀନତାର ୭୯ ବର୍ଷ ପରେ ଆଜିବି ମନରେ ପ୍ରଶ୍ନ ଉଙ୍କି ମାରୁଛି ଆମର 'ଅସ୍ମିତା' ଅଛିକି? ଯାହାକୁ ନେଇ ଅସ୍ମିତାର ଉନ୍ମେଷ, ବିକାଶ ଓ ପ୍ରସାର ସେହି ଭାଷାର ଆଜି ଅବସ୍ଥା କ'ଣ? ଜାତିର ପ୍ରତୀକମାନେ ଏ ବିଷୟରେ କିଛି ଚିନ୍ତା କରନ୍ତି କି? ନା ନିଜ ନିଜର ସତ୍ତାକୁ ଦୃଢ ରଖିବା ପାଇଁ ନିଜକୁ ପଣ୍ୟ ଦ୍ରବ୍ୟ ପରି ବିକ୍ରି ହୋଇଯିବା ସହ ଭୋଟରଙ୍କୁ ଭେଳିକି ଲଗାଇ ଭୋଟ ନିଅନ୍ତି। ଏ ସବୁ ସତ୍ତ୍ୱେ ଆଜିବି ଓଡିଆ ଅସ୍ମିତା ବଂଚିଛି । ନିଜ ମା, ମାତୃଭୂମି, ମାଟି, ସଂସ୍କୃତିକୁ ବଂଚାଇବା କ'ଣ ଆମର କର୍ତ୍ତବ୍ୟ ନୁହେଁକି?

# ଜବର ଦଖଲ ପ୍ରବୃତ୍ତି : ଏକ ଅପରାଧ ନା ସାମାଜିକ ଆଶୀର୍ବାଦ



ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ
ରିଟାୟାର୍ଡ ଆଇ ଏ ଏସ, ନିଳାଦ୍ରି ବିହାର, ଭୁବନେଶ୍ୱର
ମୋ ୯୪୩୯୪୯୦୦୦୯.

ଜମିକୁ କେନ୍ଦ୍ର କରି ମଣିଷ ସମାଜର ଅନେକ ସଂଘର୍ଷ ଓ ଅପରାଧର ଜନ୍ମ । ପୁରାତନ କାଳରୁ ଆଜି ପର୍ଯ୍ୟନ୍ତ ଜମି ନେଇ ବିବାଦ ଚାଲିଆସିଛି। ବର୍ତ୍ତମାନ ସମୟରେ ରାଷ୍ଟ୍ର ଓ ରାଷ୍ଟ୍ର ମଧ୍ୟରେ ଯୁଦ୍ଧର ମୂଳ କାରଣ ହେଉଛି ଭୂମିର ଅଧିକାର । ଏହି ପରିପ୍ରେକ୍ଷୀରେ, ସମାଜରେ ବଢୁଥିବା ''ଜବରଦଖଲ-ପ୍ରବୃତ୍ତି", ଏକ ଗୁରୁତର ଚିନ୍ତାର ବିଷୟ । ଆଜିକାଲି ସରକାରୀ ଜମିକୁ ଅନଧିକୃତ ଦଖଲ କରି ସେଠାରେ ଘର ବାଡ଼ି, ଦୋକାନ ବଜାର କରି ଆର୍ଥିକ ଲାଭ ଅର୍ଜନ କରିବା, ଏକ ସାଧାରଣ ପ୍ରବୃତ୍ତି ହୋଇଯାଇଛି । ଏହା, ଦଣ୍ଡଭୟ ଶୂନ୍ୟ ମନୋଭାବର ପ୍ରକାଶ । ଆଇନର ଯେତେବେଳେ ଅନୁପାଳନ ହୁଏ ନାହିଁ, ସେତେବେଳେ ଅନଧିକୃତ ଦଖଲକାରୀମାନେ, ନିର୍ଭୀକ ହୋଇଯାନ୍ତି। ଲୋକେ ଆଇନକୁ "ପ୍ରେମ" କରନ୍ତି ବୋଲି ଅନୁପାଳନ କରନଥାନ୍ତି , ଆଇନକୁ "ଭୟ" କଲେହିଁ, ତାର ଅନୁପାଳନ ହୁଏ ।

ସଭ୍ୟ ସମାଜର ମୂଳ ଭିତ୍ତି ହେଉଛି ଆଇନର ଶାସନ। କିନ୍ତୁ ଦୁଃଖର କଥା ଯେ, କେତେକ ସମୟରେ, ରାଜନୈତିକ ପ୍ରଭାବ ଓ ପ୍ରଶାସନିକ ଉଦାସୀନତା ଯୋଗୁ , ଜବରଦଖଲକାରୀମାନେ ସୁବିଧା ନେଇଥାନ୍ତି। ସେମାନେ ଜାଣିଛନ୍ତି ଯେ ଏକାଠି ହୋଇ ଦଖଲ କଲେ ସରକାରଙ୍କୁ ତାକୁ ଉଚ୍ଛେଦ କରିବା କଷ୍ଟକର ଓ ପରେ ରାଜନୈତିକ ଚାପରେ, ପୁନର୍ବାସ ବ୍ୟବସ୍ଥା ମିଳିପାରେ। ଉନ୍ନତ ଦେଶଗୁଡ଼ିକରେ ଏପରି ପ୍ରବୃତ୍ତି ବିରଳ, କାରଣ ସେଠାରେ ଆଇନ ସମସ୍ତଙ୍କ ପାଇଁ ସମାନ ପ୍ରୟୋଗ ହୁଏ। ଆମ ଦେଶରେ ମଧ୍ୟ "ଆଇନ ଆଗରେ ସମସ୍ତେ ସମାନ" ବୋଲି ସମ୍ବିଧାନ କହିଥାଏ, କିନ୍ତୁ ପ୍ରୟୋଗରେ, ଏହା ସବୁବେଳେ ପ୍ରତିଫଳିତ ହୁଏ ନାହିଁ।

ଜମିର ପରିମାଣ ସ୍ଥିର ରହିଥିବା ସତ୍ତ୍ୱେ ଜନସଂଖ୍ୟା ଦ୍ରୁତ ହାରରେ ବଢ଼ି ଚାଲିଛି । ସହରୀକରଣ ଓ ଉନ୍ନତ ଜୀବନ ସୁବିଧା ପାଇଁ ଗ୍ରାମାଂଚଳରୁ ସହରକୁ ଲୋକମାନଙ୍କ ଆଗମନ ବଢୁଛି। ଏହାର ପରିଣାମରେ ସହରରେ ଜମିର ଚାହିଦା ବଢ଼ି ତାର ମୂଲ୍ୟ ଆକାଶଛୁଆଁ ହେଲାଣି । ଭୁବନେଶ୍ୱରରେ ଏହା ଏକର ପିଛା, ୪୦-୫୦ କୋଟି ଛୁଇଁଲାଣି । ଏହି ପରିସ୍ଥିତିରେ ସରକାରୀ ଜମିର ସୁରକ୍ଷା ଅନିର୍ବାର୍ଯ୍ୟ । ଏହି ଜମି ଆଗାମୀ ପିଢ଼ୀଙ୍କ ରାସ୍ତା, ଶିକ୍ଷା ପ୍ରତିଷ୍ଠାନ, ହସ୍ପିଟାଲ, ପାର୍କ ଓ ଅନ୍ୟାନ୍ୟ ଉନ୍ନୟନ ଯୋଜନା ପାଇଁ ଅତ୍ୟାବଶ୍ୟକ। ଯଦି ଏହାକୁ ଏବେଠୁ ରକ୍ଷା କରାଯିବନି ତେବେ, ଭବିଷ୍ୟତରେ ଉନ୍ନତି ମୂଳକ ପ୍ରକଳ୍ପ ପାଇଁ ଜମି ନଥିବ ।

ଓଡ଼ିଶାରେ ଜବରଦଖଲ ଉଚ୍ଛେଦ ପାଇଁ OPPE Act, OPLE Act ଓ ODA Act ରହିଛି। କିନ୍ତୁ ଏମାନେ, "ଦିୱାନୀ ଆଇନ" ଭିତ୍ତିକ, ଯେଉଁଥିରେ "ଫୌଜଦାରୀ" ଦଣ୍ଡର ବ୍ୟବସ୍ଥା ନାହିଁ। ଫଳସ୍ୱରୂପ, ଆଇନର ଭୟ ପ୍ରତିଷ୍ଠିତ ହେଉନାହିଁ। "Encroachment Prevention is better than Encroachment Eviction" — ଏହି ନୀତିକୁ ଗୁରୁତ୍ୱ ଦେବା ନିହାତି ଆବଶ୍ୟକ। ଗ୍ରାମାଞ୍ଚଳରେ ତହସିଲ ସ୍ତରରେ ନିୟମିତ "ସାଲତମାମୀ" ହୋଇଥାଏ, କିନ୍ତୁ ସହରରେ ଏପରି ସକ୍ରିୟ ବ୍ୟବସ୍ଥା ଦେଖାଯାଏ ନାହିଁ । ତତସହିତ, ଆବଶ୍ୟକ ସଂଖ୍ୟକ ରାଜସ୍ୱ ନିରୀକ୍ଷକ ଓ ଅମିନଙ୍କ ଅଭାବ ମଧ୍ୟ ମୂଳ ସମସ୍ୟା। ସହରାଞ୍ଚଳରେ ଜବରଦଖଲ ହେଲେ, ଅନେକ ସମୟରେ କୌଣସି ଅଧିକାରୀଙ୍କୁ ଦାୟୀ କରାଯାଏ ନାହିଁ। ଯେତେବେଳେ କୌଣସି ଉନ୍ନୟନ ପ୍ରକଳ୍ପ ପାଇଁ ଜମି ଆବଶ୍ୟକ ହୁଏ, ସେତେବେଳେ ମାତ୍ର ଉଚ୍ଛେଦ କାର୍ଯ୍ୟ ହୁଏ। ଏହା ଏକ ଦୀର୍ଘମିଆଦି ଅସୁବିଧାକୁ ଜନ୍ମ ଦିଏ । ୨୬.୫.୨୦୧୫ ରେ ଶ୍ରୀ S. C. ଜମିର, ମହାମାନ୍ୟ ରାଜ୍ୟପାଳ, Odisha Land Grabbing (Prohibition) Ordinance-୨୦୧୫ ଜାରି କରିଥିଲେ , ଯାହାର ଉଦ୍ଦେଶ୍ୟ ଥିଲା ଜବରଦଖଲକୁ କଡ଼ା ଭାବେ ରୋକିବା । ସେଥିରେ ଉଲ୍ଲେଖ ଥିଲା ଯେ, ଉପସ୍ଥିତ ଆଇନ ଗୁଡା, ଏ ପ୍ରକାରର ଅପରାଧକୁ ଦମନ ପାଇଁ ସ୍ୱଳ୍ପ ଓ ନିଷ୍କ୍ରିୟ । ଏହି ଆଇନରେ ଜବରଦଖଲ ବିରୁଦ୍ଧରେ, ୧ ରୁ ୭ ବର୍ଷ ଯାଏଁ ଜେଲ ଯିବାର ବ୍ୟବସ୍ଥା ସହ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଥିଲା କିନ୍ତୁ ଏହା ବିଧାନ ସଭାରେ ପାରିତ ହୋଇପାରିନାହିଁ। ପ୍ରସ୍ତାବିତ OPLE (Amendment )-୨୦୨୫ ବିଲ୍‌ରେ ମଧ୍ୟ ଜବରଦଖଲକୁ, "ଫୌଜଦାରୀ ଅପରାଧ" ଭାବେ ବିବେଚନା କରାଯାଇ ନାହିଁ କି ଦଣ୍ଡ ର ବ୍ୟବସ୍ଥା ମଧ୍ୟ ନାହିଁ । ବରଂ ବ୍ୟବସ୍ଥା ଅଛି ଯେ, ଜଣେ ଗୃହହୀନ ବ୍ୟକ୍ତି ଯେ କୌଣସି ସ୍ଥାନରେ ଯଦି ସରକାରୀ ଜମି ଜବର ଦଖଲ କରି ବାସଗୃହ କରିଥାନ୍ତି, ତାଙ୍କୁ ସେହି ଜମିକୁ ବାସଗୃହ ପାଇଁ ଆବଣ୍ଟନ କରିବାକୁ, ତହସିଲଦାର ବାଧ୍ୟ । ଏହା ନୀତିଗତ ଭାବେ ପ୍ରଶ୍ନ ଉତ୍ପନ୍ନ କରେ—"ଏହା ଅନ୍ୟାୟକୁ ପ୍ରୋତ୍ସାହନ ଦେଉନାହିଁ କି" ? ଯଦି ଆଇନ ଭାଙ୍ଗି ଲାଭ ମିଳେ, ତେବେ ଲୋକମାନେ କାହିଁକି ଆଇନକୁ ସମ୍ମାନ ଦେବେ ? "ଜୋର ଯାହାର, ମୂଲକ ତାହାର" - ଧାରଣା ଜୋରଦାର ହେବ । ବର୍ତ୍ତମାନର ଜବରଦଖଲ ଉଚ୍ଛେଦ, ଏକ ଦୀର୍ଘ, ଜଟିଳ ଓ ବ୍ୟୟସାଧ ପ୍ରକ୍ରିୟା। ପୋଲିସ-ଶକ୍ତି, ପ୍ରଶାସନିକ-ସମୟ ଓ ସରକାରୀ ଧନର ବ୍ୟୟ ଏଥିରେ ବହୁତ ଅଧିକ। ମାତ୍ର, ଜବର ଦାଖଲ-କାରୀ ଦଣ୍ଡିତ ହୁଏ ନାହିଁ । ଆଗାମୀ ୧୦୦ ବର୍ଷ କୁ ଦୃଷ୍ଟିରେ ରଖି, ସମୃଦ୍ଧ ସହର ମାନଙ୍କ ପରିକଳ୍ପନା ଅତ୍ୟାବଶ୍ୟକ। ରାସ୍ତା, ମେଟ୍ରୋ, ଶିକ୍ଷା ଓ ସ୍ୱାସ୍ଥ୍ୟ ସଂସ୍ଥା ପାଇଁ ଜମି ଆବଶ୍ୟକ। ଯଦି ଏହି ଜମି ଜବରଦଖଲ ହୋଇଯାଏ, ତେବେ ପ୍ରଗତି ରୋକିଯିବ । ଭବିଷ୍ୟତ, ଆମକୁ ଦୋଷାରୋପ କରିବ । ଏହି ପରିସ୍ଥିତିରେ, ସହରାଞ୍ଚଳର ଜବରଦଖଲକୁ "ନନ-ବେଲେବଲ ଫୌଜଦାରୀ" ଅପରାଧ ଓ କଡ଼ା ଶାସ୍ତି ବ୍ୟବସ୍ଥା କରିବା ଆବଶ୍ୟକ, ଯାହାକି ୨୦୧୫ ମସିହା ଅର୍ଡିନେନ୍ସ ପ୍ରାବଧାନ ଥିଲା । ସେହିପରି, ବାସସ୍ଥାନ ଆବଣ୍ଟନ ଯୋଜନାଗୁଡ଼ିକୁ ସୁଚିନ୍ତିତ ଭାବରେ ଲାଗୁ କରିବା ଉଚିତ। ଉର୍ଦ୍ଧ୍ୱାଧାର ଆବାସ ଯୋଜନା (vertical housing) କୁ ପ୍ରୋତ୍ସାହନ ଦେଇ, ସ୍ୱଳ୍ପ ଜମି ରେ ଅନେକ ଗୃହଶୂନ୍ୟଙ୍କୁ, ଗୃହ ଯୋଗାଇ ଦିଆଯାଇପାରିବ । ଏହା ଜମି ଅଭାବ ସମସ୍ୟାକୁ ମଧ୍ୟ କମାଇବ। ଏ କ୍ଷେତ୍ର ରେ, ତୁଷ୍ଟି କରଣ ନୀତି ଆତ୍ମାଘାତି ସଦୃଶ ହେବ । ଶେଷ କଥା : ଏକ ଶୃଙ୍ଖଳିତ ଓ ଆଇନ-ଶାସିତ ସମାଜ ଗଢ଼ିବା ପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ଆବଶ୍ୟକ। ଜବରଦଖଲକୁ ସହନ କରିବା ମାନେ, ଭବିଷ୍ୟତର ଉନ୍ନତିକୁ ବାଧା ଦେବା। ନିର୍ବାଚିତ ଜନ ପ୍ରତିନିଧି ମାନେ ଏପରି ସ୍ପର୍ଶ କାତର ପ୍ରସଙ୍ଗରେ ଦୂରଦୃଷ୍ଟି ପ୍ରଦର୍ଶନ ନକଲେ ରାଜ୍ୟର ଭବିଷ୍ୟତ ପ୍ରତିବନ୍ଧକ ହେବ । ସରକାରୀ ଜମି ହେଉଛି ଭବିଷ୍ୟତ ପିଢ଼ୀଙ୍କର ଅଧିକାର—ବର୍ତ୍ତମାନର ଲାଭ ପାଇଁ ଏହାକୁ ନଷ୍ଟ କରିବା ଅପରାଧ ସମାନ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

32 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୫ ଅପ୍ରେଲ ୨୦୨୬ ରବିବାର




# ଟାଉନ୍ ବସ୍ ରୁଟ୍ ଦ୍ୱନ୍ଦ୍ୱ:ଯାତ୍ରୀ ହନ୍ତସନ୍ତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଦୀର୍ଘ ବର୍ଷର କସ୍‌ରତ୍ ପରେ ଗେଟ୍‌ବଜାର ଓଭରବ୍ରିଜ୍ ନିର୍ମାଣ ପାଇଁ ଟ୍ରାଫିକ୍ ସମସ୍ୟା ଯୋଗୁଁ ନୂଆ ବସ୍‌ଷ୍ଟାଣ୍ଡକୁ ପ୍ରଶାସନ ଖାଲି କରିଛି । ବିଡ଼ିଏର ଉକ୍ତ ବସ୍‌ଷ୍ଟାଣ୍ଡ ବର୍ତ୍ତମାନ କଣ ହେବ ତାହା ସ୍ପଷ୍ଟ ହୋଇପାରିନାହିଁ । ଡୁଡୁମା କଲୋନୀରେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ଆରମ୍ଭ ହେବା ପରେ ସମସ୍ତ ବସ୍ ରୁଟ୍‌କୁ ଦୁଇ ଭାଗରେ ବିଭକ୍ତ କରାଯାଇଛି । କିନ୍ତୁ ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତର ପରେ ସବୁଠୁ ଅଧିକ ପ୍ରଭାବିତ ହୋଇଛନ୍ତି ଯାତ୍ରୀ । ବିଭିନ୍ନ ବସ୍‌ଷ୍ଟାଣ୍ଡରେ ଓହ୍ଲାଉଥିବା ଯାତ୍ରୀ ନିଜ ନିଜ ସାହି ତଥା ଆପାର୍ଟମେଣ୍ଟକୁ ଯିବାକୁ ହଟହଟା ହେଉଛନ୍ତି । ବ୍ରହ୍ମପୁର ସହରରେ ଆମ ବସ୍ ଚାଲୁଥିଲେ ଏହାର ସମୟସାରଣୀ ତଥା ଏହା କେଉଁ ରୁଟ୍ ଦେଇଯିବ ସେ ସମ୍ପର୍କରେ ସମସ୍ତେ ଅବଗତ ହୋଇପାରୁନଥିବାରୁ ଯାତ୍ରୀଙ୍କ ସମସ୍ୟା ଦ୍ୱିଗୁଣିତ ହେଉଛନ୍ତି । ଅଧିକାଂଶ ଯାତ୍ରୀ ଅଟୋରେ ଯିବାକୁ ବାଧ ହେଉଛନ୍ତି । ସବୁ ଅଟୋ ସବୁ ସାହିକୁ ଯାଉନଥିବାରୁ ଯାତ୍ରୀ ସେୟାରିଂ ଅଟୋରେ ସାହି ଛକ ପର୍ଯ୍ୟନ୍ତ ଯାଇପାରୁନାହାନ୍ତି । ଟାଉନ୍ ବସ୍‌ରେ ୨୦ ରୁ ୩୦ ଟଙ୍କା ଖର୍ଚ୍ଚ କରିବା ବଦଳରେ ବର୍ତ୍ତମାନ ଯାତ୍ରୀ ଅଟୋରେ ଦେଢ଼ ଶହରୁ ଦୁଇ ଶହ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରୁଛନ୍ତି । ଅଧିକାଂଶ ଆମ ବସ୍‌ର ରୁଟ୍‌କୁ ନେଇ ଯାତ୍ରୀ ଦ୍ୱନ୍ଦ୍ୱରେ ରହୁଛନ୍ତି ।



ବିଡ଼ିଏ କିମ୍ବା କ୍ରୁଟ୍ ପକ୍ଷରୁ ଟାଉନ୍ ବସ୍‌ର ଯାତାୟାତ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଉନାହିଁ । ବିଶେଷ କରି କୌଣସି ବସ୍ ଷ୍ଟାଣ୍ଡରେ ମଧ୍ୟ ଟାଉନ୍ ବସ୍ ସମ୍ପର୍କରେ କିଛି ତଥ୍ୟ ମଧ ମିଳିପାରୁନାହିଁ । ଯାତ୍ରୀଙ୍କ ସୁବିଧା ପାଇଁ ବ୍ରହ୍ମପୁରରୁ ୨୫ଟି ଏବଂ ଛତ୍ରପୁରରୁ ୨୫ଟି ବସ୍ ଗଟ୍ ସେଲ୍ ଓ କ୍ରୁଟ୍ ଦ୍ୱାରା ଚଳାଚଳ କରୁଛି । କିନ୍ତୁ ଏହି ସବୁ ବସ୍ ସମ୍ପର୍କରେ ସାଧାରଣରେ ସଚେତନ କରାଗଲେ ଏହା ଅଧିକ ଆଦୃତ ହୁଅନ୍ତା ବୋଲି ଅନୁମାନ କରାଯାଉଛି । ଆମ ବସ୍ ପାଇଁ ସହରରେ ୫୨ଟି ବସ୍‌ଷ୍ଟପ୍ ନିର୍ମାଣ ଯୋଜନା ରହିଛି । କ୍ରୁଟ୍ ଏଥିପାଇଁ ଆର୍ଥିକ ସହାୟତା ଯୋଗାଇଦେଲେ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ଏହାକୁ ନିର୍ମାଣ କରିବା ଯୋଜନା ରହିଥିବା ସୂଚନା ମିଳିଛି । ବସ୍‌ଷ୍ଟପ୍ ନିର୍ମାଣ ନହେବା ପର୍ଯ୍ୟନ୍ତ ଯାତ୍ରୀ କେଉଁଠି ବସ୍‌ରେ ବସିବେ ତାହା ନିର୍ଦ୍ଧାରଣ ହୋଇପାରିନାହିଁ । ଦୁଇଟି ବସ୍‌ଷ୍ଟାଣ୍ଡ ଆରମ୍ଭ ହୋଇଥିବା ବେଳେ ଯାତ୍ରୀ ବସ୍‌ଷ୍ଟାଣ୍ଡରୁ କେଉଁ କିଭଳି ନିଜ ଗନ୍ତବ୍ୟସ୍ଥଳକୁ ଯିବେ ତାହା ଜାଣିପାରୁନାହାନ୍ତି । ଯାତ୍ରୀଙ୍କ ଏହି ଦ୍ୱନ୍ଦ୍ୱରୁ ଅଟୋ ଚାଳକ ଫାଇଦା ନେଇ ଚଢ଼ା ଦରରେ ଯାତ୍ରୀ ପରିବହନ କରୁଛନ୍ତି । ବିଭିନ୍ନ ବସ୍‌ର ନମ୍ବର ଏବଂ ବସ୍ ରୁଟ୍ ବସ୍ ଷ୍ଟପ୍‌ରେ ଲଗାଯିବା ନିୟମ ଥିଲେ ମଧ୍ୟ ଏହା ପାଳନ କରାଯାଉନାହିଁ ।

## ମରାମତି ଅଭାବରୁ ପ୍ଲାଣ୍ଟ ରାସ୍ତା ଅବସ୍ଥା ବିପଦଜନକ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଉପରରାଇଗୋଡ଼ା ପଞ୍ଚାୟତ ଅଧିନରେ ଥିବା ଅଁରା ଶ୍ରୀ ମେଟାଲିକ୍ ପ୍ଲାଣ୍ଟ ରାସ୍ତା ମରାମତି ହେଉନଥିବାରୁ ରାସ୍ତାଟିର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇ ବିପଦ ଜନକ ଅବସ୍ଥାରେ ପହଞ୍ଚିଥିବାର ଜଣାପଡିଛି । ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, ଉକ୍ତ ଅଁରା ଶ୍ରୀ ମେଟାଲିକ ପ୍ଲାଣ୍ଟ ରାସ୍ତାଟି ରାଇସୁଆଁ ଅଞ୍ଚଳକୁ ସଂଯୋଗ କରୁଥିବା ବେଳେ ଏହି ରାସ୍ତାରେ ଦୈନିକ ହାଇୱା, ଲାଇନ୍ ଟ୍ରକ୍ ସମେତ ଅନ୍ୟାନ୍ୟ ଛୋଟ ବଡ଼ ଯାନ ଚଳା ଚଳ କରୁଥିଲେ ହେଁ ରାସ୍ତାଟିର ମରାମତି କରାଯାଉନଥିବାରୁ ଉକ୍ତ ରାସ୍ତାଟି ଦିନକୁ ଦିନ କଦର୍ଯ୍ୟମୟ ହୋଇପଡିଛି ଏବଂ ଉପର ଭାଗରେ ଏକ ପୋଲ ନିର୍ମାଣ କରାଯାଉଥିବା ଦୃଷ୍ଟିରୁ ଏହି ରାସ୍ତାଟିର ନିର୍ମାଣ ନିତ୍ୟାନ୍ତ ଜରୁରୀ ହୋଇଥିଲେ ହେଁ ରାସ୍ତା ନିର୍ମାଣ ପ୍ରତି ଦୃଷ୍ଟି ଦିଆଯାଉନଥିବାରୁ ଉକ୍ତ ଅଞ୍ଚଳ ସମେତ ଆଖପାଖ ଅଞ୍ଚଳର ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାର ସ୍ଥାନୀୟ ଅଞ୍ଚଳ ଯୁବକ ପଙ୍କଜ ବାରିକ ଅଭିଯୋଗ କରିଥିବାର ଜଣାପଡିଛି । ତେଣୁ ଉକ୍ତ ରାସ୍ତାଟିର ନିର୍ମାଣ ପ୍ରତି ସରକାର ଦୃଷ୍ଟି ଦେବାକୁ ଦୃଢ ଦାବି ହୋଇଛି ।

## ୧୨୫ ୟୁନିଟ୍ ରକ୍ତ ସଂଗ୍ରହ କରି ଜନ୍ମଦିନ ପାଳିଲେ ସମାଜସେବୀ



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ବାରିପଦା ଷ୍ଟାଡିୟମ୍ ସମ୍ମିଳନୀ କକ୍ଷରେ ବାସ୍ତବ ପରିବାର ଆନୁକୂଲ୍ୟରେ ତଥା ଆରକେ ଫାଉଣ୍ଡେସନ୍‌ର ସହଯୋଗରେ ବିଶିଷ୍ଟ ସମାଜସେବୀ ଅମର କୁମାର ସେଠୀ ତାଙ୍କ ୫୮ ତମ ଜନ୍ମଦିନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରି ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ଓ ଏହି ଶିବିରରେ ଅମର ଭାଇଙ୍କ ସମେତ ମୋଟ୍ ୧୨୫ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ ସମ୍ମାନିତ ଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିବା ସହ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ, କାଉନ୍‌ସିଲର ଅନନ୍ତ ଦାସ ଓ ଆର୍ କେ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ତଥା କାଉନ୍‌ସିଲର ସୁକେଶିନୀ ସେଠୀ, ସୁନୀଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ପରବର୍ତ୍ତୀ ସମୟରେ ଏମ୍‌ସିସି ବ୍ୟାଙ୍କ ସଭାପତି ସୁବ୍ରମନିୟମ ମହାନ୍ତି, ବାର୍ ଆସୋସିଏସନ୍‌ର ଉପସଭାପତି ସତ୍ୟବ୍ରତ ଦାଶ, କାଉନ୍‌ସିଲର ଦେବାଶିଷ ପାତ୍ର ଉପସ୍ଥିତ ରହି ରକ୍ତଦାତା ବିଶିଷ୍ଟ ବ୍ୟକ୍ତିବିଶେଷ ସରୋଜ ସାହୁ, ଇ. ବିପ୍ଳବ ବୁଗୁଡେଇ, ତରୁଣ ମହାନ୍ତି, ଅରୁଣ ବରାଡ଼, କାଶୀନାଥ ରଣା, ଲଳିତ ସେନ, ବାସ୍ତବ ପରିବାରର ପ୍ରଦୀପ କିଶୋର ମହାନ୍ତି, ନନ୍ଦଲାଲ ମିଶ୍ର, ଅଶ୍ୱିନୀ ବ୍ରହ୍ମା, ଶାନ୍ତନୁ କୁମାର ପାଢ଼ୀ, ଅରୁଣ କୁମାର ପାତ୍ର, ପ୍ରଦୀପ ପାଣିଗ୍ରାହୀ, ଚକ୍ରଧର ମହାପାତ୍ର, ଗୌରବ ମୋଦି, କାମିନୀ କଳାକାର, ତପନ ପଟ୍ଟନାୟକ, ମିଳନ ସ୍ୱାଇଁ, ଡଃ ନିରୋଜ କୁମାର ପୋଥାଳ, ଚିତ୍ତରଞ୍ଜନ ସ୍ୱାଇଁ, ସରୋଜ ମହାପାତ୍ର (ଲିଟନ), ଶ୍ରବଣ କୁମାର ଗୋପ, ବାସେନ ମାର୍ଣ୍ଡି ଦ୍ରୌପଦୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଫିଉଚର ଷ୍ଟାର୍ ସ୍ପୋର୍ଟସ୍ ଏକାଡେମୀର ଛାତ୍ରଛାତ୍ରୀ, ଆଞ୍ଚଳିକ ମହିଳା ମହାମଣ୍ଡଳ, ୱାର୍ଡ ନଂ ୧, ନାରାୟଣ ସେବା ଟ୍ରଷ୍ଟ, ରେଡ ଏଣ୍ଡ ଗ୍ରୀନ୍, ବାସ୍ତବ ପରିବାରର ସଦସ୍ୟ ଗଣ ଉପସ୍ଥିତ ରହି ଜନ୍ମଦିନ ଅବସରରେ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ୧ ନଂ ୱାର୍ଡରେ ବରିଷ୍ଠ ନାଗରିକ ସତ୍ୟନାରାୟଣ ଜି, କୈଳାଶ ବେହେରା, ଗୋକୁଳାନନ୍ଦ ଦାସ, ସଚିନ କରଙ୍କ ସମେତ ୨୫ ଜଣ ତଥା ସହରର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା । ବାରୁଣୀ, ବେଲଗଡ଼ିଆ ଓ ରଘୁନାଥପୁର ଶ୍ମଶାନରେ ଶବଦାହ କରୁଥିବା ସମାଜସେବୀ ମାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା । ସମାଜସେବୀ ସୋମନାଥ ସିଂହ, ଡଃ ଅସୀମ କୁମାର ଚକ୍ରବର୍ତ୍ତୀ, ଦୀପକ କୁମାର ମିଶ୍ର, ମଙ୍ଗଲ ହାଁସଦା, ରବିନାରାୟଣ ବେହେରା, କିଟକ ବେହେରା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ରକ୍ତ ଭଣ୍ଡାର ଅଧିକାରୀ ଡଃ ସୌମ୍ୟ ରଞ୍ଜନ ନାୟକଙ୍କ ନେତୃତ୍ୱରେ ରକ୍ତ ସଂଗ୍ରହ କରାଯାଇଥିଲା ।

## ପୁଣି ଚାନ୍ଦବାଲିରେ ଲଜ୍ଜା: ୧୫ ବର୍ଷର ନାବାଳିକାକୁ ଦୁଷ୍କର୍ମ,୫୮ ବର୍ଷୀୟ ବୃଦ୍ଧ ଗିରଫ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ତେନ୍ତୁଲିଡିହ ପଞ୍ଚାୟତ ଠୁକୁରା ଗ୍ରାମରେ ପୁଣି ଲଜ୍ଜା । ଜଣେ ୫୮ ବର୍ଷୀୟ ବୃଦ୍ଧ ସେହି ଗ୍ରାମରେ ଜୈନିକ ୧୫ ବର୍ଷର ନାବାଳିକାକୁ ବିଭିନ୍ନ ସମୟରେ ପ୍ରଲୋଭିତ କରି ସାତ ମାସର ଗର୍ଭବତୀ କରିଥିବା ସାମ୍ନାକୁ ଆସିଛି । ନାବାଳିକା ଜଣକ ପେଟ ଯନ୍ତ୍ରଣା ହେବାରୁ ଡାକ୍ତରଖାନା ଯାଇଥିଲେ । ସେଠାରେ ପରୀକ୍ଷା ପରେ ନାବାଳିକା ଜଣକ ସାତ ମାସର ଗର୍ଭବତୀ ଥିବା ଜଣାପଡିଥିଲା । ସବୁ ଘଟଣା ନାବାଳିକା ଜଣକ ପରିବାର ପାଖରେ କହିଥିଲେ । ଥାନାରେ ଲିଖିତ ଅଭିଯୋଗ ପରେ ଚାନ୍ଦବାଲି ପୋଲିସ ୧୨୨/୨୬ ମୂଳେ ମାମଲା ରୁଜୁ କରି ୫୮ ବର୍ଷୀୟ ଦେବେନ୍ଦ୍ର ନାୟକଙ୍କୁ ଗିରଫ କରିଛି ।

## ଓଡ଼ିଶା କଂଗ୍ରେସର ସୋସିଆଲ ମିଡିଆ ନୂଆ ଅଧ୍ୟକ୍ଷ ହେଲେ ବିଶ୍ୱଜିତ୍

**କଟକ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ପ୍ରଦେଶ କଂଗ୍ରେସ ସୋସିଆଲ ମିଡିଆ ନୂଆ ଅଧ୍ୟକ୍ଷ ହେଲେ ବିଶ୍ୱଜିତ୍ ମହାନ୍ତି । ଶ୍ରୀ ମହାନ୍ତି ଅଳ୍ପ କିଛିଦିନ ପୂର୍ବେ ବିଜେଡ଼ି ଛାଡ଼ି କଂଗ୍ରେସ ଦଳରେ ଯୋଗଦେଇଥିଲେ । ଜଣେ ଦକ୍ଷ ରାଜନେତା ଭାବରେ କଟକ ସହରରେ ଶ୍ରୀ ମହାନ୍ତିଙ୍କର ପ୍ରଭାବ ରହିଛି । ଆଇନଜ୍ଞ ପରିବାରରୁ ଆସିଥିବା ଶ୍ରୀ ମହାନ୍ତି ରାଜନୀତିରେ ସକ୍ରିୟ ଥିବା ସହିତ ଜଣେ ଟ୍ରେଡ୍ ୟୁନିଅନ୍ ଲିଡର ଭାବେ ବିଭିନ୍ନ ଶ୍ରମିକ ସଂଗଠନ ସହିତ ମଧ୍ୟ ଜଡ଼ିତ ଅଛନ୍ତି । ବର୍ତ୍ତମାନ ପରିପ୍ରେକ୍ଷୀରେ ପ୍ରଚାର ପ୍ରସାର ପାଇଁ ସୋସିଆଲ୍ ମିଡିଆ ଏକ ଉତ୍ତମ ପନ୍ଥା ହୋଇଥିବାବେଳେ ଏହାକୁ ଅଧିକ କ୍ରିୟାଶୀଳ କରି ଦଳର ନୀତି ଆଦର୍ଶ ଓ ବିଭିନ୍ନ ସମସ୍ୟାକୁ ନେଇ ସାଧାରଣ ଲୋକଙ୍କ ସ୍ୱର ହେବାକୁ କଂଗ୍ରେସ ଦଳ ଗୁରୁତ୍ୱ ଦେଉଛି । ଏହି ପରିପ୍ରେକ୍ଷୀରେ ବିଶ୍ୱଜିତ୍ ମହାନ୍ତିଙ୍କୁ ରାଜ୍ୟ କଂଗ୍ରେସ ସୋସିଆଲ୍ ମିଡିଆ ଅଧ୍ୟକ୍ଷ କରି ଦଳକୁ ଅଧିକ ଚଳଚଞ୍ଚଳ କରିବା ଲକ୍ଷ୍ୟ ରଖିଛି କଂଗ୍ରେସ । ବିଶ୍ୱଜିତ୍‌ଙ୍କ ଏହି ନୂତନ ଦାୟିତ୍ୱ ନିଶ୍ଚୟ ଦଳକୁ ମଜବୁତ କରିବ ବୋଲି କଟକ ନଗର (ଜିଲ୍ଲା) କଂଗ୍ରେସ ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ବ୍ଲକ୍ କଂଗ୍ରେସ ସଭାପତି ଅଲେଖ ଚନ୍ଦ୍ର ବେହେରା, ଶ୍ରମିକ ନେତା ଲକ୍ଷ୍ମୀଧର ଶରଣ, ବରିଷ୍ଠ ନେତା ନିର୍ମଳ ସ୍ୱାଇଁ, ରଜନୀ ବସ୍ତିଆ, ଜୟନାରାୟଣ ତ୍ରିପାଠୀ, ରଶ୍ମିକାନ୍ତ ସାମଲ, ପ୍ରମୁଖ ଆଶାବ୍ୟକ୍ତ କରିବା ସହ ଶ୍ରୀ ମହାନ୍ତିଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି ନିଯୁକ୍ତି ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ, ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ଅଖିଳ ଭାରତ କଂଗ୍ରେସ କମିଟି ସଂଗଠନ ସମ୍ପାଦକ ଭେନୁ ଗୋପାଳ ଜୀ, ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମାଲିକାର୍ଜୁନ ଖଡଗେ ଜୀ ଓ ସର୍ବୋପରି ରାହୁଲ ଗାନ୍ଧୀଜୀଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି ।

## ବିଦେଶୀ ଓ ମହୁଲି ମଦ ଜବତ:୨ ବେପାରୀ ଗିରଫ

**କୋରେଇ, ନ୍ୟୁଜ୍ ବ୍ୟୁରୋ**

ପାଣିକୋଇଲି ଥାନା ପକ୍ଷରୁ ସନ୍ଧ୍ୟା ପାଟ୍ରୋଲିଂ ସମୟରେ ବିଦେଶୀ ମଦ ଜବତ କରାଯାଇଛି । ସନ୍ଧ୍ୟା ପାଟ୍ରୋଲିଂଗ ସମୟରେ ସଠିପୁର ନିକଟରେ ଜଣେ ବ୍ୟକ୍ତିଙ୍କ ଏକ ସ୍କୁଟିରେ ୨ଟି ପେଟିରେ ବିଦେଶୀ ମଦ ନେଇଯାଉଥିବା ବେଳେ ସନ୍ଦେହ ହେବାରୁ ତାକୁ ଯାଞ୍ଚ କରାଯାଇଥିଲା । ତାନିକଟରୁ ୨ ପେଟି ବିଦେଶୀ ମଦ ମକ୍‌ଡ୍ରିଲ୍ ନମ୍ବର ୱାନ୍ ୪୨ ବୋତଲ (୧୮୦ ଲେଖାଏ) ବିଦେଶୀ ମଦ ୭.୫୬୦ ଲିଟର ଜବତ କରାଯାଇଥିଲା । ଏହି ଘଟଣାରେ ଏକ ମାମଲା ୧୦୪/୨୬ ରୁଜୁ କରାଯାଇ ପାଣିକୋଇଲି ଥାନା ଅନ୍ତର୍ଗତ ସଠିପୁର ଗ୍ରାମର ରବିନ୍ଦ୍ର ମହାନ୍ତି (୫୨)କୁ ଗିରଫ କରାଯାଇଛି । ତାକୁ ୫୨(ଏ) ଓଡ଼ିଶା ଏକ୍ସାଇଜ୍ ଆକ୍ଟରେ ଅଦାଲତ ଚାଲାଣ କରାଯାଇଛି । ସେହିପରି ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ଜହ୍ନାକଣା ଠାରେ ଚଢଉ କରାଯାଇ ଜହ୍ନାକଣା ଗ୍ରାମର ମହେଶ୍ୱର ମଲିକ (୪୦)ଙ୍କ ଠାରୁ ୧୧.୭୫ ମହୁଲି ମଦ ଜବତ କରାଯାଇଛି । ଏନେଇ ଏକ ମାମଲା ୧୦୯/୨୬ ରୁଜୁ କରାଯାଇ ତାକୁ ଗିରଫ କରାଯାଇଥିବା ତଦନ୍ତାଧିକାରୀ ଏଏସଆଇ ଦେବବ୍ରତ ମହାନ୍ତିଙ୍କ ଠାରୁ ସୂଚନା ମଳିଛି ।

## କାର୍ ସହ ୩୪୨ କେଜି ଗଞ୍ଜେଇ ଜବତ:ଚାଳକ ଅଟକ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଆରକ୍ଷୀ ଅଧିକ୍ଷକ ରାହୁଲ୍ ଜୋୟଲ ଗଣ ମାଧ୍ୟମକୁ ଦେଇଥିବା ସୂଚନା ଅନୁଯାୟୀ ଜାତୀୟ ରାଜପଥ ନଂ ୫୭ର ବଲାସିଙ୍ଗା ଆଇଆର୍‌ବି ଛକ ନିକଟରୁ ଗୋଟିଏ ଇନୋଭା କାର୍‌ରୁ ବୌଦ୍ଧ ଥାନା ପୋଲିସ ୩୪୨ କେଜି ଗଞ୍ଜେଇ ଜବତ କରିଛି । ମିଳିଥିବା ସୂଚନା ଅନୁଯାୟୀ ସକାଳେ ସବ୍ ଇନ୍‌ସପେକ୍ଟର ଯଶୋବନ୍ତ କନ୍‌ହରଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ପାଟ୍ରୋଲିଂ କରୁଥିଲେ । ଉକ୍ତ ସମୟରେ ସୋନପୁର ପଟୁ ବୌଦ୍ଧ ଆଡକୁ ଆସୁଥିବା ଏକ ଇନୋଭା କାର୍ ପୋଲିସ ଗାଡିକୁ ଦେଖି ଡ୍ରାଇଭର ଗାଡିକୁ ରାସ୍ତାରେ ରଖି ଘଟଣା ସ୍ଥଳରୁ ଫେରାର୍ ଉଦ୍ୟମ କରିଥିଲା ଓ ତାକୁ ପୋଲିସ ଟିମ୍ କାବୁ କରିଥିଲେ । ଗାଡିକୁ ତନଖି କରିବାରୁ ଗଞ୍ଜେଇ ବାହାରି ଥିଲା ଓ ମାଜିଷ୍ଟ୍ରେଟଙ୍କ ସାମ୍ନାରେ ଓଜନ କରାଯିବାରୁ ତାହା ୩୪୨କେଜି ହୋଇଥିଲା । ଅଟକ ଡ୍ରାଇଭର ଜଣକ ସୁନ୍ଦରଗଡ ଜିଲ୍ଲା କୁତୁରା ଥାନା ଖତପୁରବାହାଲ୍ ଗ୍ରାମର ସାଗର ସାହୁ ବୋଲି ସୂଚନା ମିଳିଛି । ଏ ସମ୍ପର୍କରେ ବୌଦ୍ଧ ଥାନାରେ ୧୫୨/୨୦୨୬ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଆରକ୍ଷୀ ଅଧୀକ୍ଷକ ଶ୍ରୀ ଗୋଏଲ ସୂଚନା ଦେଇଛନ୍ତି ।

## ଆଦର୍ଶ ଶିକ୍ଷକଙ୍କ ବିୟୋଗରେ ଶୋକସଭା

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ମ୍ୟୁନିସିପାଲ ସରକାରୀ ହାଇସ୍କୁଲ ପୂରାତନ ଛାତ୍ର ସଂସଦ ତରଫରୁ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ସ୍ୱର୍ଗତ ନିରଞ୍ଜନ କରଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ସଂସଦ ସଭାପତି ଅଶୋକ କୁମାର ନାୟକଙ୍କ ପୌରୋହିତ୍ୟରେ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଅଶୋକ କୁମାର ପରିଜା, ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ଡ. ବିଚିତ୍ରାନନ୍ଦ ସ୍ୱାଇଁ, ପ୍ରଧାନ ଶିକ୍ଷୟିତ୍ରୀ କ୍ଷଣପ୍ରଭା ସେଣ, ଶିକ୍ଷାବିତ୍ ଶୁକ ଦେଈ, ଭାଗବତ ରାଉତ ପ୍ରମୁଖ ସ୍ୱର୍ଗତ କରଙ୍କ ସ୍ମୃତିଚାରଣ କରି ସେ ଜଣେ କର୍ମନିଷ୍ଠ ତଥା ଆଦର୍ଶ ଶିକ୍ଷକ ଥିଲେ ଏବଂ ବହୁ ଛାତ୍ରଙ୍କୁ ସମାଜରେ ସୁପ୍ରତିଷ୍ଠିତ କରାଇବାରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ମତବ୍ୟକ୍ତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅନୀଲ ବଳ, ରବୀନ୍ଦ୍ର ମହାପାତ୍ର, ଅଲେଖ ବେହେରା, ବିଷ୍ଣୁ ଚରଣ ପରିଡ଼ା, ଦୂର୍ଯ୍ୟୋଧନ ବେହେରାଙ୍କ ସମେତ ବହୁ ପୂରାତନ ଛାତ୍ରଛାତ୍ରୀ ସ୍ୱର୍ଗତ କରଙ୍କ ସ୍ମୃତିଚାରଣ କରିଥିଲେ ।



## ସମବାୟ ସମିତିର ବାର୍ଷିକୋତ୍ସବରେ ୧୦ ଶ୍ରେଷ୍ଠ ଚାଷୀ ସମ୍ମାନିତ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଅଡଗାଁ ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକୋତ୍ସବ ବରଗଡ଼ ବ୍ଲକ ଅନ୍ତର୍ଗତ ଗାଇସୀମା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମାଳିପାଲି ଗ୍ରାମ ଠାରେ ଅନୁଷ୍ଠିତ ହୋଇଯାଇଛି । ଚାଷୀ ମାନଙ୍କୁ ନେଇ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା । ଆମ ଅଞ୍ଚଳର ବୀର ଶହୀଦ ରଞ୍ଜନ ଦାଶଙ୍କ ଦଶତମ ଶହୀଦ ଦିବସ ଅବସରରେ ତାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି, ନୀରବ ପ୍ରାର୍ଥନା କରିବା ପରେ ସମବାୟ ସମିତିର ସଭାପତି ଅଶ୍ୱିନୀ ତ୍ରିପାଠୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସମିତି ତରଫରୁ ଋଣ ଲଗାଣ ଋଣ ଅସୁଲି ବିଷୟରେ ଆଲୋଚନା ହେବା ସହ ଶ୍ରେଷ୍ଠ ଦଶ ଜଣ ଚାଷୀଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅଡଗାଁ ପେକ୍ସର ସମ୍ପାଦକ ଜଗବନ୍ଧୁ କଲତା, ପ୍ରଶାନ୍ତ ପୁଝାରୀ, ସଞ୍ଜୀବ ପାତ୍ର, ସୁରେନ୍ଦ୍ର ସାହୁ, ଡାଇରେକ୍ଟର କ୍ଷୀରୋଦ୍ର ସାହୁ ମଞ୍ଚାସୀନ ଥିଲେ । ଏହି ଅବସରରେ ଅଡଗାଁ ପ୍ରାଥମିକ କୃଷୀ ସମବାୟ ସମିତି ଓ ନିଷ୍ଠା ପରିବାରର ମିଳିତ ଉଦ୍ୟମରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ମୁଖ୍ୟଅତିଥି ଭାବରେ ସମିତିର ସଭାପତି ଅଶ୍ୱିନୀ ତ୍ରିପାଠୀ ଓ ସମ୍ମାନୀତ ଅତିଥି ଭାବରେ ସମ୍ପାଦକ ଜଗବନ୍ଧୁ କଲତା, ଡାଇରେକ୍ଟର କ୍ଷିରୋଦ୍ର ସାହୁ ଫିତା କାଟି ଶୁଭାରମ୍ଭ କରିଥିଲେ । ଏହି ଶିବିରରୁ ବୁର୍ଲା ରକ୍ତ ଭଣ୍ଡାର ଦ୍ୱାରା ସର୍ବମୋଟ୍ ୩୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇ ଶହିଦ ରଞ୍ଜନ ଦାଶଙ୍କ ସ୍ମୃତିରେ ଅର୍ପଣ କରାଯାଇଥିଲା । ପରିଶେଷରେ ରକ୍ତ ଦାନ ଶିବିର ଆୟୋଜନ ପାଇଁ ନିଷ୍ଠା ପରିବାର ତରଫରୁ ସମିତିର ସଭାପତି ଅଶ୍ୱିନୀ ତ୍ରିପାଠୀ ଓ ଅନ୍ୟ କର୍ମଚାରୀ ମାନଙ୍କୁ ଏକ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ରକ୍ତ ଦାନ ଶିବିରକୁ ନିଷ୍ଠା ପରିବାରର ସଦସ୍ୟ ସଦସ୍ୟା ଓ ଅଡଗାଁ ପ୍ରାଥମିକ କୃଷୀ ସମବାୟ ସମିତିର କର୍ମଚାରୀମାନେ ସୁପରିଚାଳନା କରିଥିଲେ ।

## ନିରକ୍ଷରତା ଓ କୁସଂସ୍କାର ବିରୋଧରେ ସଚେତନତା ଅଭିଯାନ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଦାନଗଦୀ ବ୍ଲକ ଟୋଲକାନି ସ୍ଥିତ ଝାଡ଼େଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍.ଏସ୍.ଏସ୍)ର ସ୍ୱତନ୍ତ୍ର ଗ୍ରୀଷ୍ମ କାଳୀନ ଶିବିର ଗତ ମାର୍ଚ୍ଚ ୨୩ ତାରିଖରୁ ଆରମ୍ଭ ହୋଇ ୨୯ ତାରିଖରେ ଉଦ୍‌ଯାପିତ ହୋଇଯାଇଛି । ଅଧ୍ୟକ୍ଷ ଡ଼ ଅକ୍ଷୟ କୁମାର ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି ଶିବିର ଉଦ୍‌ଘାଟନ କରି କହିଲେ ଯେ ‘ସେବା ହିଁ ପରମ ଧର୍ମ’ ଏହା ମାଧ୍ୟମରେ ଅସାଧ୍ୟକୁ ସାଧନ କରାଯାଇପାରିବ । ସାତ ଦିନ ଧରି ଚାଲିଥିବା ଏହି ଶିବିରର ବିଭିନ୍ନ ଦିବସରେ ରାଜ୍ୟପାଳ ପୁରସ୍କୃତ ଅବସରପ୍ରାପ୍ତ ଶିକ୍ଷକ ଗୋକୁଳ ବିହାରୀ ପୃଷ୍ଟି, କଲେଜର ପ୍ରତିଷ୍ଠାତା ବିଶିଷ୍ଟ ଶିକ୍ଷାବିତ ଦୀନବନ୍ଧୁ ପୃଷ୍ଟି, ଡିଗ୍ରୀ କଲେଜର ଅଧ୍ୟକ୍ଷ ବିଜୟ କୁମାର ସାହୁ, ଅବସରପ୍ରାପ୍ତ ଅଧ୍ୟାପକ ଦେବେନ୍ଦ୍ର ନାଥ ପୁହାଣ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଏହି ଶିବିରରେ ୫୦ ଜଣ ଛାତ୍ରଛାତ୍ରୀ ଶିବିରାର୍ଥୀ ଭାବେ ଯୋଗଦେଇ ବିଭିନ୍ନ ଦିବସରେ କଲେଜ ଓ ଛାତ୍ରାବାସ ପରିସର ସଫେଇ, ପୁଷ୍କରିଣୀ ସଫେଇ, ଝଡ଼େଶ୍ୱର ମନ୍ଦିର ଓ ମଙ୍ଗଳା ମନ୍ଦିରର ପ୍ରାଙ୍ଗଣ ସଫେଇ, ପଥପ୍ରାନ୍ତ ନାଟକ ମାଧ୍ୟମରେ ନିରକ୍ଷରତା ଓ କୁସଂସ୍କାର ବିରୋଧରେ ସଚେତନତା ସୃଷ୍ଟି ପ୍ରମୁଖ କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ । ଶିବିରର ଉଦ୍‌ଯାପନୀ ଦିବସ ଅଧ୍ୟାପକ ଡ଼ କ୍ଷୀରୋଦ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଏନ୍.ଏସ୍.ଏସ୍‌ର ଜିଲ୍ଲା ସଂଯୋଜକ ସୁଦୀପ୍ତ କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରାର୍ଥୀ ମାନଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ମହାଦେବ ଟୁଡୁ ଓ ଦୁର୍ଗୀ ମୁର୍ମୁଙ୍କୁ ସର୍ବୋତ୍ତମ ସ୍ୱେଚ୍ଛାସେବୀ ଭାବେ ପ୍ରମାଣପତ୍ର ଓ ଟ୍ରଫି ଦେଇ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ । ଏନ୍.ଏସ୍.ଏସ୍‌ର ପ୍ରୋଗ୍ରାମ୍ ଅଧିକାରୀ ଅଧ୍ୟାପକ ରଞ୍ଜନ କୁମାର ସାହୁ ଏହି ଶିବିର ପରିଚାଳନା କରିଥିଲେ । ଅଧ୍ୟାପିକା ମୀରାମ୍ବିକା ସାହୁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ପାରିଜାତ ମହାନ୍ତି ଓ କଲ୍ୟାଣୀ ମହାନ୍ତ, ଅଧ୍ୟାପକ ଖଗେଶ କୁମାର ଜେନା, ମୁନା ନାୟକ, ଅମର ସେଠୀ, ରଞ୍ଜନ ଖଣ୍ଡା, ଶ୍ରୀମନ୍ତ ନାୟକ, ଗୋବର୍ଦ୍ଧନ ସାହୁ, ବାଇଧର ସାହୁ ପ୍ରମୁଖ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଏଥିରେ ସହଯୋଗ କରିଥିଲେ । କଲେଜର ସମସ୍ତ ଅଣଶିକ୍ଷକ କର୍ମଚାରୀ ମଧ ଏଥିରେ ସହଯୋଗ କରିଥିଲେ । ଅଧ୍ୟାପିକା ଇତିଶ୍ରୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ଓ ପିଲାମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।



## ଶ୍ରୀ ଶ୍ରୀ ଧବଳେଶ୍ୱର ଜୀଉଙ୍କ ମନ୍ଦିରର ୧୨ ତମ ପ୍ରତିଷ୍ଠା ବାର୍ଷିକ ଉତ୍ସବ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଚଳିତ ଚୈତ୍ର ମାସ ରବିବାର ଶିବ ଦମନ ଏକାଦଶୀରେ ଶ୍ରୀ ଶ୍ରୀ ଧବଳେଶ୍ୱର ଜୀଉଙ୍କର ୧୨ ତମ ବାର୍ଷିକ ଉତ୍ସବ ଷ୍ଟାଡିୟମ୍ ରୋଡ ନିକଟରେ ଥିବା ଲକ୍ଷ୍ମୀନଗର ଗ୍ରାମରେ ବୈଦିକ ବିଧିରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପେକ୍ଷୀରେ ଶ୍ରୀ ଶ୍ରୀ ଧବଳେଶ୍ୱର ଜୀଉଙ୍କୁ ମହାସାନ୍ନ, ନୂତନ ବସ୍ତ୍ର ପରିଧାନ, ବୃଷଭ ପୂଜା, କଳସ ଯାତ୍ରା ଘଟ ସ୍ଥାପନ ସୂର୍ଯ୍ୟ ପୂଜା ଯଜ୍ଞ ଷୋଡ଼ଶ ପୂଜା, ବଡ଼ ସିଂହାର ବେଶ, ଗୀତା ପଠନ, ଅଷ୍ଟ ମକ, ଗୋ-ପୂଜା, ଗୁରୁପୂଜା କରାଯାଇଥିଲା । ସନ୍ଧ୍ୟାରେ ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସନ୍ଧ୍ୟାରେ ଆଳତି ଭଜନ କିର୍ତ୍ତନ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବହୁ ଶ୍ରଦ୍ଧାଳୁ ମନ୍ଦିରକୁ ଆସି ବାବା ଧବଳେଶ୍ୱର ଜୀଉଙ୍କୁ ଦର୍ଶନ କରି ପୂଜା କରିବା ସଙ୍ଗେ ଧବଳେଶ୍ୱର ଜୀଉଙ୍କର ଆର୍ଶିବାଦ ନେଇଥିଲେ । ସମଗ୍ର ଅଞ୍ଚଳରେ ଭଜନ ସଂକୀର୍ତ୍ତନରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ଦୁଇ ହଜାର ଉର୍ଦ୍ଧ୍ୱ ଭକ୍ତ ପ୍ରସାଦ ସେବନ କରିଥିଲେ । ଧବଳେଶ୍ୱର ଜୀଉଙ୍କ କଳସକୁ ଏକ ବର୍ଣ୍ଣାଢ଼ ଶୋଭାଯାତ୍ରାରେ ବିଭିନ୍ନ ବାଦ୍ୟ ଘଣ୍ଟାଙ୍କ ଜୟ ଧବଳେଶ୍ୱର ଜୀଉଙ୍କ ଧ୍ୱନିରେ ନିକଟସ୍ଥ ପୋଖରୀରେ କଳସ ବୁଡା ଯାଇଥିଲା । ଭକ୍ତମାନେ ପବିତ୍ର ପୂଜା ଉତ୍ସବରେ ମନ୍ଦିର ପ୍ରାଙ୍ଗଣରେ ଉପସ୍ଥିତ ରହି ଧବଳେଶ୍ୱର ଜୀଉଙ୍କ ଦୁର୍ଲ୍ଲଭ ଦର୍ଶନ ପୂର୍ବକ କୃପାଲାଭ କରିଥିଲେ । କର୍ତ୍ତା ଓ କର୍ତ୍ତୀ ଭାବେ ସୁଶାନ୍ତ କୁମାର ଖୁଣ୍ଟିଆ ଓ ତାଙ୍କ ଧର୍ମପତ୍ନୀ ମାନସୀ ଖୁଣ୍ଟିଆ ବିଧି ଅନୁସାରେ ପୂଜା କରିଥିଲେ ।

# ଶିକ୍ଷା ବିନା ମଣିଷ ସମାଜର ଅଗ୍ରଗତି ନାହିଁ

**ବଙ୍ଗୋମୁଣ୍ଡା, ନ୍ୟୁଜ୍ ବ୍ୟୁରୋ**

ବଙ୍ଗୋମୁଣ୍ଡା ସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଦୁର୍ଯ୍ୟୋଧନ ବାଗଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କପିଳ ବେହେରା, ମୁଖ୍ୟ ବକ୍ତା ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଉମାକାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ବଙ୍ଗୋମୁଣ୍ଡା ସରପଞ୍ଚ ଅଜିତ ଯୋଶୀ, ଜିଲ୍ଲା ପରିଷଦ ସଦସ୍ୟ ଓମ୍ ପ୍ରକାଶ କୁମ୍ଭାର, ଅନୁଷ୍ଠାନର




ସମ୍ପାଦକ ଅଶୋକ ଛୁରା, ସହ ସମ୍ପାଦକ ବିଶି ପୁଟେଲ, ଉପସଭାପତି ଶମ୍ଭୁଲାଲ ତାଣ୍ଡି, ଚୁଲିଫୁଙ୍କା ସରପଞ୍ଚ ଯମୁନା ବେହେରା, ଶିକ୍ଷକ ହରିରାମ ସତନାମୀ, ଘନଶ୍ୟାମ ମନହୀରା, କୁଶଧ୍ୱଜ ବାଗ, ସୁନୀଲ ମେହେର ପ୍ରମୁଖ ଯୋଗଦେଇଥିଲେ । ଶିକ୍ଷା ବିନା ମଣିଷ ସମାଜର ଅଗ୍ରଗତି ନାହିଁ । ସୁସ୍ଥ ସମାଜ ଗଠନରେ ଶିକ୍ଷାର ଗୁରୁତ୍ୱ ରହିଛି । ଶିକ୍ଷା ବିନା ମଣିଷ ପୂର୍ଣ୍ଣତା ପାଇପାରିବନାହିଁ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ । ଅତିଥି ମାନଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଦୀପ ପ୍ରଜ୍ୱଳନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରଧାନ ଶିକ୍ଷକ ପୃଥ୍ୱୀରାଜ ବେହେରା ସ୍ୱାଗତ ବକ୍ତବ୍ୟ ସହ ବାର୍ଷିକ ବିବରଣୀ ପଠନ କରିଥିଲେ । ସହ ପ୍ରଧାନ ଶିକ୍ଷକ ପୋଖରାଜ ସାହୁ ସଭା ସଂଯୋଜନା କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଉମାକାନ୍ତ ଛୁରା, ବିନ୍ଦିଆ ବାଗ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ବିଦ୍ୟାଳୟର ୪୫ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । କ୍ରୀଡା କ୍ଷେତ୍ରରେ ଜୁନିୟର ବିଭାଗରେ ଗୁଣନିଧି ସାହୁ, ସିନିୟର ବିଭାଗରେ ଦିତିକ୍ରିଷ୍ଣା ଭଇଁସାଲ ପ୍ରମୁଖ ଚମ୍ପିୟାନ ହୋଇଥିବା ବେଳେ ବେଷ୍ଟ ଷ୍ଟୁଡେଣ୍ଟ ଭାବେ ଟୁନା ମେହେରଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ଭୋଜରାଜ ରଣା, ଚୁଡାମଣି ରଣା, ରଞ୍ଜିତା ଦୀପ, ଅନୁପମା ସରାଫ, ମାଳତୀ ସାହୁ, କାଜଲ ସାହୁ, ତରୁଲତା ମୁଗ୍ରି, ସସ୍ମିତା ତାଣ୍ଡି, ବେଲମତୀ ସାହୁ, ରଞ୍ଜୁ ବେହେରା, ଲକ୍ଷ୍ମୀ ମାଝୀ, ଗାୟତ୍ରୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ଫିଜିଓଥେରାପି ସେବାର ବିକାଶ ନିମନ୍ତେ ସମୀକ୍ଷା



**କେନ୍ଦୁଝର, ନ୍ୟୁଜ୍**

ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍), ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ରିନା ପ୍ରଧାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ରାଙ୍କି ସ୍ଥିତ ଆଡ଼ଭାନ୍ସଡ୍ ରିହାବିଲିଟେସନ୍ ସେଣ୍ଟର ପରିଦର୍ଶନ କରି ସମୀକ୍ଷା କରିଛନ୍ତି । ଆଧୁନିକ ଫିଜିଓଥେରାପି ଉପକରଣ ଗୁଡିକର ବ୍ୟବହାର ଆକଳନ କରିବା, କାର୍ଯ୍ୟକାରିତା ସମୀକ୍ଷା କରିବା ଏବଂ କେନ୍ଦୁଝର ଜନସାଧାରଣଙ୍କ ପାଇଁ ପୁନର୍ବାସ ଆଧାରିତ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବା ପାଇଁ କାର୍ଯ୍ୟକାରୀ ପଦକ୍ଷେପ ଚିହ୍ନଟ କରିବା ପରିଦର୍ଶନର ଉଦ୍ଦେଶ୍ୟ ଥିଲା । ଭ୍ରମଣ ସମୟରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଙ୍କି ସ୍ଥିତ ଏଆର୍‌ସିର କାର୍ଯ୍ୟପ୍ରଣାଳୀର ବିସ୍ତୃତ ସମୀକ୍ଷା କରିଥିଲେ । ଏହି କେନ୍ଦ୍ରରେ ନିମ୍ନ ଅଙ୍ଗ ପୁନର୍ବାସ ପାଇଁ ରୋବୋଟିକ୍ ଇଣ୍ଟରଭେନ୍ସନ୍ ସିଷ୍ଟମ୍ ସହିତ ବିଭିନ୍ନ ଆଧୁନିକ ଫିଜିଓଥେରାପି ଉପକରଣ ଉପଲବ୍ଧ ଅଛି । ସମୀକ୍ଷାର ମୁଖ୍ୟ ଲକ୍ଷ୍ୟ ଥିଲା ଉପକରଣଗୁଡିକର ବ୍ୟବହାର ଅବସ୍ଥା ଆକଳନ କରିବା, ରୋଗୀ ଭର୍ତ୍ତି ଏବଂ ରୋଗୀ ସୁବିଧା ମୂଲ୍ୟାୟନ କରିବା ଏବଂ ଯେଉଁମାନେ ଫିଜିଓଥେରାପି ଓ ପୁନରୁଦ୍ଧାର ସହାୟତା ଆବଶ୍ୟକ କରୁଛନ୍ତି ସେମାନଙ୍କ ପାଇଁ କେନ୍ଦ୍ରଟି ସର୍ବାଧିକ କ୍ଷମତାରେ କାମ କରୁଛି କି ନାହିଁ ତାହା ନିଶ୍ଚିତ କରିବା । ସେ ଚିକିତ୍ସକ, ଫିଜିଓଥେରାପିଷ୍ଟ ଏବଂ ପ୍ରଶାସନିକ କର୍ମଚାରୀଙ୍କ ସହ ଆଲୋଚନା କରି ସମସ୍ୟା ବୁଝିଥିଲେ, ସମ୍ପଦ ବ୍ୟବହାରକୁ ଆକଳନ କରିଥିଲେ ଏବଂ ଜିଲ୍ଲାର ସମସ୍ତ ରୋଗୀଙ୍କ ପାଇଁ ଏଆର୍‌ସିକୁ ଆହୁରି ସୁଗମ ଏବଂ କାର୍ଯ୍ୟକାରୀ କରିବା ବିଷୟରେ ଆଲୋଚନା କରିଥିଲେ । ୨୦୨୧ ମସିହାରେ ଡିଏମ୍‌ଏଫ୍ କେନ୍ଦୁଝରର ଆର୍ଥିକ ସହାୟତାରେ ସ୍ଥାପିତ ରାଙ୍କି ସ୍ଥିତ ଏହି ଆଡ଼ଭାନ୍ସଡ୍ ରିହାବିଲିଟେସନ୍ ସେଣ୍ଟର ଆଧୁନିକ ପ୍ରଯୁକ୍ତି ସହ ସଜ୍ଜିତ, ଯାହାରେ ନିମ୍ନ ଅଙ୍ଗ ପୁନର୍ବାସନ ପାଇଁ ବିଶେଷ ଭାବେ ଡିଜାଇନ୍ ହୋଇଥିବା ରୋବୋଟିକ୍ ଇଣ୍ଟରଭେନ୍ସନ୍ ସିଷ୍ଟମ୍ ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ଡିଏମ୍‌ଏଫ୍ ପାଣ୍ଠିରୁ ସ୍ଥାପିତ ହୋଇଛି । ଏହି ସମୀକ୍ଷା ମାଧ୍ୟମରେ କେନ୍ଦ୍ରଟିର କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବା ସହ ୨୦୨୧ ଠାରୁ ଗଢ଼ିଉଠିଥିବା ଭିତ୍ତିକୁ ଆହୁରି ମଜବୁତ କରିବାକୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଉଦ୍ୟମ କରୁଛନ୍ତି ।

# ମୁମ୍ବାଇ ବିପକ୍ଷରେ ଦିଲ୍ଲୀ ବିଜୟୀ

**ନୂଆଦିଲ୍ଲୀ**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୯ତମ ସଂସ୍କରଣର ଅଷ୍ଟମ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ବିଜୟୀ ହୋଇଛି। ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ମୁମ୍ବାଇ ଇଣ୍ଡିଆନ୍ସକୁ ୬ ୱିକେଟରେ ପରାସ୍ତ କରିଛି। ୧୬୩ ରନର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଦିଲ୍ଲୀ ଟିମ୍ ୧୮.୧ ଓଭରରେ ୪ଟି ୱିକେଟ୍ ହରାଇ ୧୬୪ ରନ୍ କରିଛି। ଦଳ ପାଇଁ ସମୀର ରିଜଭି ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୫୧ଟି ବଲ୍ ଖେଳି ୯୦ ରନ୍ କରିଥିଲେ, ଯେଉଁଥିରେ ୭ଟି ଚୌକା ଏବଂ ୭ଟି ଛକା ସାମିଲ କରିଥିଲେ।

ଏଥି ସହିତ ଦିଲ୍ଲୀ ଟିମ୍ ଚଳିତ ଆଇପିଏଲ୍ ସଂସ୍କରଣର ପଏଣ୍ଟ ଟେବୁଲରେ ଶୀର୍ଷସ୍ଥାନ ଛୁଇଁଛି। ଦିଲ୍ଲୀ ଟିମ୍ ଏପର୍ଯ୍ୟନ୍ତ ୨ଟି ମ୍ୟାଚ୍ ଖେଳିଛି। ଉଭୟ ମ୍ୟାଚ୍‌ରେ ବିଜୟ ହାସଲ କରି +୧.୧୭୦ ପଏଣ୍ଟ ହାସଲ କରିଛି। ଦିଲ୍ଲୀ ତଳକୁ ପଞ୍ଜାବ (+୦.୬୩୭) ରହିଛି।

ଆୟୋଜକ ଦିଲ୍ଲୀ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ସୂର୍ଯ୍ୟକୁମାରଙ୍କ ନେତୃତ୍ୱରେ ମୁମ୍ବାଇ ବ୍ୟାଟିଂ କରିଥିଲା। ନିଜେ ସୂର୍ଯ୍ୟକୁମାର ଏହି ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଥିଲେ। ତାଙ୍କର ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ୍ ହରାଇ ୧୬୨ ରନ୍ କରିଥିଲା। ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ରାୟନ ରିକ୍ଲେଟନ୍ ଏବଂ ରୋହିତ ଶର୍ମା ଇନିଂସ ଆରମ୍ଭ କରିଥିଲେ। ମାତ୍ର ଦଳକୁ ଖୁବ୍ ଶୀଘ୍ର ପ୍ରଥମ ଝଟକା ଲାଗିଥିଲା। ସ୍କୋର ୧୮ ରନରେ ରିକ୍ଲେଟନ୍ ଆଉଟ୍ ହୋଇଥିଲେ। ସେ ବ୍ୟକ୍ତିଗତ ଭାବେ ୧୧ଟି ବଲ୍ ଖେଳି ୨ଟି ଚୌକା ସହାୟତାରେ ୯ ରନ୍ କରିଥିଲେ। ଏହା ପରେ ବିସ୍ଫୋରକ ବ୍ୟାଟର ତିଲକ ବର୍ମା ପଡ଼ିଆକୁ ଆସିଥିଲେ। କିନ୍ତୁ ସେ ମଧ୍ୟ କ୍ରିଜରେ ଅଧିକ ସମୟ ପର୍ଯ୍ୟନ୍ତ ରହିପାରି ନଥିଲେ। ମାତ୍ର ୨ଟି ବଲ୍ ଖେଳି ଆଉଟ୍ ହୋଇଥିଲେ।

ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ସୂର୍ଯ୍ୟକୁମାର ଯାଦବ ସର୍ବାଧିକ ବ୍ୟକ୍ତିଗତ ରନ୍ ସଂଗ୍ରହ କରିଥିଲେ। ସେ ୩୬ଟି ବଲ୍ ଖେଳି ୩ଟି ଚେ?କା ଏବଂ ୨ଟି ଛକା ବଳରେ ୫୧ ରନ୍ କରିଥିଲେ। ସୂର୍ଯ୍ୟକୁମାରଙ୍କ ପରେ ରୋହିତ ଶର୍ମାଙ୍କ ବ୍ୟକ୍ତିଗତ ସ୍କୋର ଥିଲା ଦ୍ୱିତୀୟ ବଡ଼ ଉଦ୍ୟମ। ରୋହିତ ୨୬ଟି ବଲ୍ ଖେଳି ୫ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ନମନ ଧୀର ୨୧ଟି ବଲ୍ ଖେଳି ୨୮ ରନ୍ ସଂଗ୍ରହ କରିଥିଲେ।

ମିଚେଲ ସାଣ୍ଟନର ଅପରାଜିତ ୧୮ ରନ୍ ସଂଗ୍ରହ କରିଥିଲେ। ସେ ୧୩ଟି ବଲ୍ ଖେଳି ଦଳୀୟ ସ୍କୋରରେ ୧୮ ରନ୍ ଯୋଡ଼ିଥିଲେ। ଏଥିରେ ୨ଟି ଚୌକା ମଧ୍ୟ ସାମିଲ କରିଥିଲେ। କୋର୍ବିନ ବୋସଜ ଅପରାଜିତ ୧୧ ରନ୍ ସଂଗ୍ରହ କରିଥିଲେ। ସେ ୪ଟି ବଲ୍ ଖେଳି ୨ଟି ଚୌକା ମାରିଥିଲେ। ଦିଲ୍ଲୀ ପକ୍ଷରୁ ମୁକେଶ କୁମାର ୨ଟି ୱିକେଟ୍ ନେଇଥିଲା ବେଳେ ଲୁଙ୍ଗି ଏନଗିଡି, ଅକ୍ଷର ପଟେଲ, ବିପ୍ର ନିଗମ ଏବଂ ଏନ୍ ନଟରାଜଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା।



# ଜାତୀୟ ତୀରନ୍ଦାଜ ପ୍ରତିଯୋଗିତାରେ ଭଉଣୀଙ୍କ ପରେ ଭାଇର ବାଜିମାତ




**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

୨୭ ମାର୍ଚ୍ଚ ଠାରୁ ୦୬ ଏପ୍ରିଲ ପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରରେ ୧୫ ତମ ଜାତୀୟ ତୀରନ୍ଦାଜ ପ୍ରତିଯୋଗିତା ଆୟୋଜିତ ହୋଇଅଛି। ଓଡ଼ିଶାଦଳର ୧୫ ବର୍ଷରୁ କମ ବାଳକ ବିଭାଗ ଇଣ୍ଡିଆନ ରାଉଣ୍ଡତିରନ୍ଦାଜ ପ୍ରତିଯୋଗିତାରେ ବୌଦ୍ଧ ଜିଲ୍ଲାର ଦୁର୍ଗାଦତ୍ତ ମେହେର (ମନୀଷ) ଭାଗ ନେବାସହ ଓଡ଼ିଶା ଦଳକୁ ବିଜୟୀ କରି ତୃତୀୟ ସ୍ଥାନ ଅଧିକାର କରିବା ସହିତ କାଂସ୍ୟ ପଦକ ହାସଲ କରିଛନ୍ତି । ସେହିପରି ତାଙ୍କର ବଡ ଭଉଣୀ ଟେନିସା ମେହେର ଗତ ଜାନୁଆରୀ ୨୦୨୬ରେ ଭାରତ ସରକାରଙ୍କ ଦ୍ୱାରା ଝାରଖଣ୍ଡର ରାଞ୍ଚିରେ ଆୟୋଜିତ ବିଦ୍ୟାଳୟ ସ୍ତରୀୟ ଜାତୀୟ ତୀରନ୍ଦାଜ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାରକରି ରୌପ୍ୟ ପଦକ ହାସଲ କରିଥିଲେ । ଉଭୟ ଭାଇ ଭଉଣୀ ବୌଦ୍ଧଭଳି ଗୋଟିଏ ଛୋଟଜିଲ୍ଲାରୁ ଯାଇ ରାଜ୍ୟଦଳରେ ସାମିଲ ହୋଇ ଜାତୀୟସ୍ତରରେ କୃତିତ୍ୱ ହାସଲ କରିଥିବାରୁ ତାଙ୍କୁ ବୌଦ୍ଧ ଜିଲ୍ଲାର ବୁଦ୍ଧିଜୀବୀ, ତଥା ଜନସାଧାରଣ, ବୌଦ୍ଧଜିଲ୍ଲା କ୍ରୀଡ଼ାସଂଘର ସାଧାରଣ ସମ୍ପାଦକ ତଥା କନ୍ଧମାଳ ସାଂସଦଙ୍କ ଜିଲ୍ଲାପ୍ରତିନିଧି ଯୁଗଳ କିଶୋର ସାମଲ, ବୌଦ୍ଧ ଜିଲ୍ଲା ତୀରନ୍ଦାଜ ସଂଘର ସଭାପତି ବସନ୍ତ କୁମାର ସାହୁ, ସମ୍ପାଦକ ଅର୍ଜୁନ କଅଁର, ଗଙ୍ଗାଧର ମେହେର ସ୍ୱେଚ୍ଛାସେବୀ ସମିତି ବୁଟୁପାଲି ବୌଦ୍ଧର ସଭାପତି ମିନୁ ପ୍ରସାଦ ମିଶ୍ର, ସମ୍ପାଦିକା ସଂଯୁକ୍ତା ମଲ୍ଲିକ ଶୁଭେଚ୍ଛା ଜଣେଇବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ଉଭୟ ଭାଇ ଭଉଣୀଙ୍କ ଏହି କୃତିତ୍ୱ ସମ୍ବାଦ ପାଇବାପରେ ସମଗ୍ର ବୌଦ୍ଧଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି । ସେ ଦୁହେଁ ବୌଦ୍ଧଜିଲ୍ଲା ବୁଟୁପାଲିର ଯୁବ ସମାଜସେବୀ ଇନ୍ଦ୍ରମଣି ମେହେର ଓ ସନ୍ତୋଷିନୀ ମେହେରଙ୍କ ସୁକନ୍ୟା ଓ ସୁପୁତ୍ର ଅଟନ୍ତି। ବର୍ତ୍ତମାନ ଦୁର୍ଗାଦତ୍ତ ମେହେର କେନ୍ଦୁଝର ସ୍ଥିତ ଧରଣୀଧର କ୍ରୀଡା ଛାତ୍ରାବାସରେ ରହି କ୍ରୀଡା ପ୍ରଶିକ୍ଷକ ଜବାହାରଲାଲ ସିଂଙ୍କ ଠାରୁ ପ୍ରଶିକ୍ଷଣ ନେଉଛନ୍ତି। ସେହିପରି ଟେନିଶା ମେହେର ସୁନ୍ଦରଗଡ଼ ଜିଲ୍ଲା କ୍ରୀଡା ଛାତ୍ରାବାସରେ ରହି ପ୍ରଶିକ୍ଷକ ନାରାୟଣ ବାନାରାଙ୍କ ଠାରୁ ପ୍ରଶିକ୍ଷଣ ନେଉଛନ୍ତି।

# ଶ୍ରେୟଶଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା

**ଚେନ୍ନାଇ**

ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଏକ ସ୍ଲୋ-ଓଭର ରେଟ୍ ପାଇଁ ପଞ୍ଜାବ କିଙ୍ଗ୍ସ ଅଧିନାୟକ ଶ୍ରେୟସ ଆୟରଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା କରାଯାଇଛି।

ଏହି ମ୍ୟାଚରେ ଗତ ସିଜନର ରନରଅପ୍ ପଞ୍ଜାବ ୫ଥର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସକୁ ୫ ୱିକେଟରେ ହରାଇ ଚଳିତ ସିଜନରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପଞ୍ଜାବ ଚଳିତ ସିଜନରେ ଆଇପିଏଲ୍ ଆଚରଣବିଧି ଧାରା ୨.୨୨ ଅଧୀନରେ ଦ୍ୱିତୀୟ ଅପରାଧ କରିଥିବାରୁ ଅଧିକ ଦଣ୍ଡ ବିଧାନ କରାଯାଇଛି। ଆୟରଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା କରାଯାଇଥିବା ଆପିଏଲ ତରଫରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି।




ଇମ୍ପାକ୍ଟ ଖେଳାଳିଙ୍କ ସମେତ ଚୂଡ଼ାନ୍ତ ଏକାଦଶର ସମସ୍ତ ସଦସ୍ୟ ଭାରତୀୟ ମୁଦ୍ରାରେ ୬ ଲକ୍ଷ ଟଙ୍କା କିମ୍ବା ସେମାନଙ୍କ ମ୍ୟାଚ୍ ଫି'ର ୨୫ ପ୍ରତିଶତ ଯାହା କମ୍ ହେବ ତାହା ଜରିମାନା କରାଯିବ ବୋଲି କୁହାଯାଇଛି।

# ସିଏସ୍‌କେ ପରାଜୟର କାରଣ କହିଲେ ଗାଭାସ୍କର



**ଚେନ୍ନାଇ**

ଭାରତର କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କରଙ୍କ ମତରେ ୫ ଥରର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ପାଇଁ ସେମାନଙ୍କର ବୋଲିଂ ସବୁଠୁ ବଡ଼ ସମସ୍ୟା। ବୋଲିଂ ବିଭାଗର ପ୍ରଦର୍ଶନରେ ସୁଧାର ଦ୍ୱାରା ହିଁ ଦଳର ଭାଗ୍ୟ ପରିବର୍ତ୍ତନ ହୋଇପାରିବ। ସିଏସ୍‌କେ ଏପର୍ଯ୍ୟନ୍ତ ଖେଳିଥିବା ଦୁଇଟି ମ୍ୟାଚ୍‌ରେ ପରାଜିତ ହୋଇଛି।

ଏପର୍ଯ୍ୟନ୍ତ ଯାହା ଦେଖିଛୁ, ସିଏସ୍‌କେର ସବୁଠୁ ବଡ଼ ସମସ୍ୟା ହେଉଛି ସେମାନଙ୍କ ବୋଲିଂ। ଏହାର ଅର୍ଥ ବୋଲରଙ୍କୁ ସୁଯୋଗ ଦେବା ପାଇଁ ସେମାନଙ୍କୁ ନିୟମିତ ୨୨୫-୨୩୦ ରନ କରିବାକୁ ପଡ଼ିବ। ପ୍ରାୟତଃ ଦଳ ପାଖରେ ବ୍ୟାଟିଂ ଗଭୀରତା ରହିଛି। ଉଦାହରଣ ସ୍ୱରୂପ ପଞ୍ଜାବ କିଙ୍ଗ୍ସ ପାଇଁ ନଂ-୭ରେ ମାର୍କସ ଷ୍ଟୋଇନିସ ବ୍ୟାଟିଂ କରୁଛନ୍ତି। ଅନେକ ଦଳ ପାଖରେ ଗଭୀର ବ୍ୟାଟିଂ ଲାଇନଅପ୍ ଥିବାରୁ ଚେନ୍ନାଇକୁ ତା'ର ବୋଲିଂ ଅର୍ଡରରେ ସୁଧାର ଆଣିବାକୁ ପଡ଼ିବ ବୋଲି ଗାଭାସ୍କର ଷ୍ଟାର ସ୍ପୋର୍ଟସକୁ କହିଛନ୍ତି।

ଏହାବାଦ୍ ସେ ଆୟୁଷ ମାହାତ୍ରେଙ୍କ ସମ୍ପର୍କରେ ପ୍ରକାଶ କରିଛନ୍ତି, ମୋ ମତରେ ନଂ-୩ ମାହାତ୍ରେଙ୍କ ଲାଗି ଭଲ ପୋଜିସନ। ସେ ୧୯ ବର୍ଷରୁ କମ୍ କ୍ରିକେଟରେ ଲୋୟର ଅର୍ଡରରେ ବ୍ୟାଟିଂ କରିଛନ୍ତି। କିନ୍ତୁ ତାଙ୍କୁ ନଂ-୩ ପୋଜିସନ ସୁହାଇବ। ସେ ଗତ ମ୍ୟାଚ୍‌ରେ ପ୍ରଥମ ବଲରେ ଆଉଟ୍ ହୋଇଥିଲେ।

# ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଦ୍ୱାରା ଆନ୍ତର୍ବିଭାଗୀୟ ଦିବା ରାତ୍ର ଟେନିସ୍ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଳବାଇ କ୍ରୀଡ଼ା ସଂଘ, ଖୋର୍ଦ୍ଧା ରୋଡ ଦ୍ୱାରା ଆୟୋଜିତ "ଆନ୍ତ-ବିଭାଗୀୟ ଦିବା ଓ ରାତ୍ରି କ୍ରିକେଟ୍ ପ୍ରତିଯୋଗିତା-୨୦୨୬" ଖୋର୍ଦ୍ଧା ରୋଡ ସ୍ଥିତ ରେଳବାଇ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ଏହି ପ୍ରତିଯୋଗିତା ୧୭ ଏପ୍ରିଲ୍ ୨୦୨୬ ପର୍ଯ୍ୟନ୍ତ ଚାଲିବ। ଖୋର୍ଦ୍ଧା ରୋଡ ଡିଭିଜନର ମୋଟ ୧୨ଟି ବିଭାଗ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି। ଏହି ଅବସରରେ ECORSA-KUR ୱେବସାଇଟ୍ ମଧ୍ୟ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟିତ ହୋଇଥିଲା, ଯାହା କ୍ରୀଡ଼ା କାର୍ଯ୍ୟକଳାପର ଡିଜିଟାଲ ପ୍ରଚାର ଓ ରେଳ କର୍ମଚାରୀମାନଙ୍କ ମଧ୍ୟରେ ସଂଯୋଗକୁ ଦୃଢ଼ କରିବାରେ ସହାୟକ ହେବ। ଏହି ଟୁର୍ଣ୍ଣାମେଣ୍ଟକୁ ଖୋର୍ଦ୍ଧାରୋଡର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନିଲ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶ୍ରୀ ପି. କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଅପରେସନ୍ସ), ରାଜଧାରୀ ଯାଦବ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି), ଅନିଲ କୁମାର ଏସ୍., କ୍ରୀଡ଼ା ଅଧିକାରୀ ଏବଂ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ, ସହ ଅନ୍ୟାନ୍ୟ ସହକାରୀ କ୍ରୀଡ଼ା ଅଧିକାରୀ, ଶାଖା ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସମାବେଶକୁ ସମ୍ବୋଧିତ କରି ଡି. ସୁନିଲ ସମସ୍ତ ଅଂଶଗ୍ରହଣକାରୀ ଦଳକୁ ତାଙ୍କର ଶୁଭେଚ୍ଛା ଜଣାଇଥିଲେ। ସେ ଖେଳାଳିମାନଙ୍କୁ ଦକ୍ଷତା, ଦଳଗତ ମନୋଭାବ ଓ କ୍ରୀଡ଼ା ଆତ୍ମା ପ୍ରଦର୍ଶନ କରି ଟୁର୍ଣ୍ଣାମେଣ୍ଟରେ ଉତ୍କର୍ଷ ଅର୍ଜନ କରିବାକୁ ପ୍ରେରିତ କରିଥିଲେ। ସେ ଖୋର୍ଦ୍ଧା ରୋଡ କ୍ରୀଡ଼ା ସଂଘର କ୍ରୀଡ଼ା ପ୍ରଚାରରେ ନିରନ୍ତର ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ଷ୍ଟାଡିୟମରେ ଚାଲୁଥିବା କ୍ରୀଡ଼ା ଭିତ୍ତିଭୂମିର ବିକାଶ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅଂଶଗ୍ରହଣକାରୀ ବିଭାଗଗୁଡ଼ିକ ମଧ୍ୟରେ ବୈଦ୍ୟୁତିକ, ରେଳ ସୁରକ୍ଷା ବଳ, ଅର୍ଥ, ପରିଚାଳନା, ଚିକିତ୍ସା, ଷ୍ଟୋର, ଇଞ୍ଜିନିୟରିଂ, ଇଲେକ୍ଟ୍ରିକାଲ୍ ଲୋକୋ ସେଡ୍/ଅନୁଗୁଳ, ବୈଦ୍ୟୁତିକ (ଅପରେସନ୍ସ), ବାଣିଜ୍ୟିକ, କାର୍ମିକ, ସିଗ୍ନାଲ ଓ ଟେଲିକମ୍ୟୁନିକେସନ୍ ଏବଂ ମେକାନିକାଲ୍ ବିଭାଗ ଅନ୍ତର୍ଭୁକ୍ତ। ଏହି ଟୁର୍ଣ୍ଣାମେଣ୍ଟ ସମୟରେ ମୋଟ ୩୦ଟି ଲିଗ୍ ମ୍ୟାଚ୍ ଖେଳାଯିବ। ଉଦ୍‌ଘାଟନୀ ଦିନରେ ପ୍ରଥମ ମ୍ୟାଚ୍ ଆରପିଏଫ ଓ ଅପରେସନ୍ସ ବିଭାଗ ମଧ୍ୟରେ ଖେଳାଯାଇଥିଲା, ଯେଉଁଥିରେ ଆରପିଏଫ ୧୪ ରନ୍‌ରେ ବିଜୟୀ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ଅନିଲ କୁମାର ଏସ୍., କ୍ରୀଡ଼ା ଅଧିକାରୀ ଏବଂ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖୋର୍ଦ୍ଧାରୋଡଙ୍କ ମାର୍ଗଦର୍ଶନରେ ଆୟୋଜିତ ହେଉଛି। ସମସ୍ତ ମ୍ୟାଚ୍ ସାଧାରଣ ସମ୍ପାଦକ ମହମ୍ମଦ ଜାକିରୁଦ୍ଦିନ, ସହକାରୀ ସାଧାରଣ ସମ୍ପାଦକ ସଚିବ ଜେ. ଏସ୍. ପାତ୍ର ଏବଂ କ୍ରୀଡ଼ା ସଙ୍ଗଠନ ସଦସ୍ୟ ମାନେ ସଂଯୋଜନା କରୁଛନ୍ତି।

# ମାଲିକ-ଅଧିନାୟକ ବିବାଦ : ରାହୁଲଙ୍କ ପରେ ପନ୍ତଙ୍କ ଉପରେ ରାଗିଲେ ଗୋଏଙ୍କା !

**ନୂଆଦିଲ୍ଲୀ**

ଆଇପିଏଲ୍‌ରେ ଏକ ଫ୍ରାଞ୍ଚାଇଜ୍‌ର ମାଲିକା ଭାବେ ଗ୍ରାଉଣ୍ଡ ଭିତରେ ଅଧିନାୟକଙ୍କ ଉପରେ ବିରକ୍ତି ଭାବ ପ୍ରକଟ କରିବାରେ ସବୁ ସୀମା ଟପିଛନ୍ତି ସଞ୍ଜୀବ ଗୋଏଙ୍କା। ମନେ ହେଉଛି ସଞ୍ଜିବଙ୍କ ଟିମ୍‌ରେ ଅଧିନାୟକତ୍ୱ କରିବା ସହଜ ନୁହେଁ। ଧୋନୀ ଓ ରାହୁଲଙ୍କ ପରେ ମ୍ୟାଚ୍ ପରାଜୟ ନେଇ ପନ୍ତଙ୍କ ଉପରେ ବର୍ଷିଛନ୍ତି ଲକ୍ଷ୍ନୌ ମାଲିକ ସଞ୍ଜିବ ଗୋଏଙ୍କା। ୨ବର୍ଷ ତଳେ ସେ କେଏଲ ରାହୁଲଙ୍କ ସହ ଗ୍ରାଉଣ୍ଡ ଭିତରେ ଜୋରଦାର ବାକ୍ ଯୁଦ୍ଧ କରିଥିଲେ। ପରେ ରାହୁଲ ଲକ୍ଷ୍ନୌ ଦଳ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ୨୦୨୪ ମେଗା ନିଲାମରେ ଗୋଏଙ୍କା ରିଷଭ ପନ୍ତଙ୍କୁ କିଣିଥିଲେ ଓ ଅଧିନାୟକ ନିଯୁକ୍ତ କରିଥିଲେ।

ଗତ ବର୍ଷ ଗୋଏଙ୍କା ଓ ପନ୍ତଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ଗଢ଼ି ଉଠିଥିଲା। ଲକ୍ଷ୍ନୌ ପ୍ଲେ-ଅଫ୍‌ରେ ପ୍ରବେଶ କରିପାରି ନଥିଲେ ହେଁ ଗୋଏଙ୍କାଙ୍କ ମୁହଁରେ ନିରାଶାର ଛବି ଦେଖିବାକୁ ମିଳି ନଥିଲା। ନୂଆ ସିଜନ ଆରମ୍ଭ ହେଉ ହେଉ ଗୋଏଙ୍କା ପୁଣି ପୂର୍ବ ରୂପ ଦେଖାଇଛନ୍ତି। ବୁଧବାର ଦିନ ଅନୁଷ୍ଠିତ ମ୍ୟାଚ୍‌ରେ ଲକ୍ଷ୍ନୌ ୬ ୱିକେଟ୍‌ରେ ଦିଲ୍ଲୀ ଠାରୁ ପରାଜିତ ହେବା ପରେ ସେ ଗ୍ରାଉଣ୍ଡ ଭିତରେ ପ୍ରବେଶ କରିବା ସହ କୋଚ୍ ଜଷ୍ଟିନ ଲାଙ୍ଗରଙ୍କ ସହ ବେଶ୍ କିଛି ସମୟ ଆଲୋଚନା କରିଥିଲେ ଓ ଶେଷରେ ପନ୍ତଙ୍କୁ ଡକାଇଥିଲେ। ପ୍ରଥମେ ଉଭୟ ପରସ୍ପର ସହ ହାତ ମିଳାଇଥିଲେ। କିଛି ସମୟ ମଧ୍ୟରେ ପନ୍ତଙ୍କ ମୁହଁ ଶୁଖି ଯାଇଥିବା ଦେଖିବାକୁ ମିଳିଥିଲା। ଉଭୟଙ୍କ ମଧ୍ୟରେ ଚାଲିଥିବା ଆଲୋଚନା ମଧ୍ୟରେ ପନ୍ତ ଅନେକ ଗୁଡ଼ିଏ ପ୍ରଶ୍ନର ଉତ୍ତର ଦେଉଥିବା ଦେଖିବାକୁ ମିଳିଥିଲା।




କିଛି ସମୟ ମଧ୍ୟରେ ଉଭୟଙ୍କ ଆଲୋଚନାର ଭିଡ଼ିଓ ଓ ଫଟୋ ସୋସିଆଲ ମିଡ଼ିଆରେ ଚର୍ଚ୍ଚିତ ଖବର ପାଲଟି ଯାଇଥିଲା। ୨ବର୍ଷ ତଳେ ରାହୁଲଙ୍କ ସହ ଗୋଏଙ୍କାଙ୍କ ବାର୍ତ୍ତାଳାପକୁ ମନେ ପକାଇ ଦେଇଥିଲା। ଅବଶ୍ୟ ପରେ ଲକ୍ଷ୍ନୌ ଫ୍ରାଞ୍ଚାଇଜର ଅଫିସିଆଲ ସୋସିଆଲ ମିଡ଼ିଆ ପୃଷ୍ଠାରେ ସମ୍ପୂର୍ଣ୍ଣ ଘଟଣାର ଭିଡ଼ିଓ ଅପଲୋଡ କରାଯାଇ ଗୋଏଙ୍କା ଓ ପନ୍ତଙ୍କ ମଧ୍ୟରେ ଆଲୋଚନାକୁ ସ୍ୱଚ୍ଛ ଓ ଖେଳୁଆଡ଼ ମନୋଭାବ ବାର୍ତ୍ତାଳାପ ଦର୍ଶା ଯାଇଥିଲା।

ଗତ ବୁଧବାର ଅନୁଷ୍ଠିତ ଲକ୍ଷ୍ନୌ ସୁପରଜାଏଣ୍ଟ୍‌ସ-ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ୍‌ରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ପଡ଼ିଆରେ ଉଭୟ ଦଳ ମଧ୍ୟରେ ଘମାଘୋଟ ଲଢ଼େଇ ଚାଲିଥିବା ବେଳେ ଷ୍ଟାଡିୟମ ଗ୍ୟାଲେରୀରେ ଉପସ୍ଥିତ ଥିବା କିଛି ଦର୍ଶକ ମାରପିଟ୍ ଲାଗି ଯାଇଥିଲେ। ସୁରକ୍ଷାକର୍ମୀ ଓ ପୁଲିସ୍ ସଙ୍ଗେସଙ୍ଗେ ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କୁ ମାରପିଟ୍‌ରୁ ନିବୃତ କରିଥିଲେ। ଏହି ଘଟଣାର ଏକ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପ୍ରଶଂସକଙ୍କ ମଧ୍ୟରେ ମାରପିଟ୍ ଘଟଣା ନୂଆ ନୁହେଁ। ପୂର୍ବରୁ ଅନେକ ଥର ଏଭଳି ଘଟଣା ଦେଖିବାକୁ ମିଳିଛି।

# ଫିଲ୍ମ ଷ୍ଟାଇଲରେ ଗଞ୍ଜେଇ ଚାଲାଣ : ୬ ଗିରଫ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାରେ ନିଶା ମାଫିଆଙ୍କୁ ନିସ୍ତାର ନାହିଁ। ଆକ୍ସନ ମୋଡରେ ସୋନପୁର ପୋଲିସ । ପ୍ରତିଦିନ କ୍ୱିଣ୍ଟାଲ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରି ଏବେ ନୂଆ ରେକର୍ଡ ସୃଷ୍ଟି କରିଛି ଜିଲ୍ଲା ପୋଲିସ। ପୋଲିସକୁ ଚକମା ଦେଇ ଫିଲ୍ମ ଷ୍ଟାଇଲ ରେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ମାଡି ବସିଲା ପୋଲିସ । ୩ଟି ସ୍ଥାନରେ ପୋଲିସ ଚଢାଉ କରି ୧ କ୍ୱିଣ୍ଟାଲ ୬୩ କେଜି ଗଞ୍ଜେଇ ଜବତ କରିଛି । ସୋନପୁର ସହରର ବ୍ୟସ୍ତବହୁଳ ସୋନପୁର- ସମ୍ବଲପୁର ରାସ୍ତାର ବୁଢାରଜା ଛକ ନିକଟରୁ ଏକ ମହାରାଷ୍ଟ୍ର ନମ୍ବର ଥିବା ଆର୍ଟିଗା ନଂ ଏମଏଚ-୦୨ ସିଡବ୍ଲୁ ୪୯୪୭ କାରରେ ଦୁଇ ଜଣ ଯୁବତୀ, ଜଣେ ନାବାଳକ ଏବଂ ଡ୍ରାଇଭର ଏକ ପରିବାର ଯାତ୍ରା କରିବା ଭଳିଆ ଗାଡ଼ିରେ ଯାଉଥିବା ବେଳେ ସୋନପୁର ଥାନା ଆଇଆଇସି ଯାଦବ ବାଗ ଙ୍କ ନେତୃତ୍ୱରେ ପୋଲିସ୍ ଟିମ୍ ସନ୍ଦେହରେ ଅଟକାଇ ଯାଞ୍ଚ କରିବାରୁ ୨ ଗୋଟି ସୁଟକେଶ ଏବଂ ୩ ଗୋଟି ବେଗ ଥିବା ବେଳେ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଭର୍ତ୍ତି ଥିବା ଦେଖାଯାଇଥିଲା ।



ପରେ ଏସପି ନାରାୟଣ ନାୟକ ଘଟଣାସ୍ଥଳ ରେ ପହଞ୍ଚି ଥିବା ବେଳେ ବେଗରୁ ୩୦ ଗୋଟି ପ୍ୟାକେଟ ରୁ ୩୦ କେଜି ୫୦୦ ଗ୍ରାମ ଗଞ୍ଜେଇ ବାହାରିଥିବା ବେଳେ ଗଞ୍ଜେଇ ସହ ବ୍ୟବହୃତ ଗାଡିକୁ ଜବତ କରିଛି ପୋଲିସ୍। ସେହିଭଳି ସୋନପୁର – ବୀରମହାରାଜପୁର ରାସ୍ତାର ବାଘଲପୁର ଛକରେ ମଧ୍ୟ ପୋଲିସ ଏକ ଟାଟା ଏସି ଗାଡିକୁ ଅଟକାଇ ଯାଞ୍ଚ କରିବାରୁ ଗାଡିର ଡ଼ାଲା ତଳେ ସ୍ୱତନ୍ତ୍ର ଚେମ୍ବର କରାଯାଇ ଗଞ୍ଜେଇ ଚାଲାଣ ହେଉଥିବା ଦେଖି ତାଜୁବ ହୋଇଯାଇଥିଲା। ପରେ ଗାଡିରୁ ୧୨୧ କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ ୨ ଜଣକୁ ପୋଲିସ ଗିରଫ କରିଥିବା ବେଳେ ଗାଡି ଜବତ କରିଛି । ସେହିପରି ଲଛିପୁର ପୋଲିସ ଡିଲେଇମାଳ –ସୋନପୁର ରାସ୍ତାରେ ଚଢ଼ାଉ କରି ଏକ ସ୍କୁଟିରୁ ୧୨ କେଜି ଗଞ୍ଜେଇ ଜବତ କରିଛି । ଏଥିରେ ସମ୍ପୃକ୍ତ ଥିବା ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଅନ୍ତର୍ଗତ ଦେଉଳଡୁଙ୍ଗୁରି ଗ୍ରାମର ଶୁଭମ ସାହୁ (୨୦) କୁ ପୋଲିସ ଗିରଫ କରିଥିବା ବେଳେ ଅନ୍ୟ ଜଣେ ନାବାଳକ ବୋଲି ଜଣାପଡିଛି । ଏହି ତିନି ଘଟଣାରେ ୨ ମହିଳାଙ୍କ ସହ ସମୁଦାୟ ୬ ଜଣ ଗିରଫ ହେବା ସହ ୨ ଗୋଟି ଚାରି ଚକିଆ ଗାଡି ଏବଂ ୧ ଗୋଟି ସ୍କୁଟି କୁ ଜବତ କରିଛି ସୋନପୁର ପୋଲିସ୍ ସୂଚନା ଦେଇଛନ୍ତି।

# ଗଛ କାଟୁଥିବା ବେଳେ ଗଛରେ ଚାପିହୋଇ ଯୁବକ ମୃତ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

କଟୁରିଆ ଗ୍ରାମରେ ଅଭାବନୀୟ ଘଟଣା । ଗଛ ଉପରେ ଚଢ଼ି ଡାଳ କାଟୁଥିବା ବେଳେ ଉପରେ ପଡିଗଲା ଆଉ ଏକ ଡ଼ାଳ । ଫଳରେ ଗଛ ସନ୍ଧିରେ ଚାପି ହୋଇ ୨୦ ଫୁଟ ଉପରେ ଏକ ଘଣ୍ଟା ଧରି ଝୁଲିରହିଲେ ଯୁବକ । ଫଳରେ ଯୁବକଙ୍କର ମୃତ୍ୟୁ ହୋଇଛି । ଖବର ଅନୁସାରେ, ଶାଣଦେଇ ଗ୍ରାମର କୁଅଁର ହାଁସଦା (୩୨)କଟୁରିଆ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବାଡ଼ିରେ ଥିବା ଗଛ କାଟିବା ପାଇଁ ଗଛ ଉପରକୁ ଉଠିଥିଲେ । ଗଛର ଡାଳ କାଟିବା ପରେ ହଠାତ ଉକ୍ତ ଗଛ ଉପରେ ପଡି ରହିଥିବା ଅନ୍ୟ ଏକ ଡାଳ କୁଅଁରଙ୍କ ଉପରେ ଚାପି ହୋଇ ରହିଥିଲା। ପ୍ରାୟ ୨୦ ଫୁଟ ଉପରେ ସେ ଝୁଲନ୍ତା ଅବସ୍ଥାରେ ରହିଥିବା ଦେଖି ଦମକଳ ବିଭାଗକୁ ଖବର ଦେଇଥିଲେ। କପ୍ତିପଦା ଦମକଳ ବିଭାଗ ଘଟଣା ସ୍ଥଳରେ ପହଞ୍ଚି କୁଅଁରଙ୍କୁ ଉଦ୍ଧାର କରିଥିଲେ । ପରେ ତାଙ୍କୁ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ଏହି ଘଟଣାରେ ଶରତ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।



# ଖପ୍ରାଖୋଲରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା : ଜଣେ ମୃତ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗିରି ଜିଲ୍ଲା ପାଟଣାଗଡ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ଦିନବନ୍ଧୁ ପେଟ୍ରୋଲ ପମ୍ପ ନିକଟରେ ବଡ ଦୁର୍ଘଟଣା ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ ଏକ ବାଇକ ଯୋଗେ ବଡଗୁର୍ଜିଭଟା ଗ୍ରାମର ହୃଷିକେଶ ମାଝୀ (୪୦) ଏବଂ ସିରିଷ ସାହୁ (୪୦) ନାମକ ଦୁଇ ଜଣ ବ୍ୟକ୍ତି କୌଣସି କାମରେ ଏକ ବାଇକ ଯୋଗେ ଖପ୍ରାଖୋଲ ପଟକୁ ଆସୁଥିଲେ। ଖପ୍ରାଖୋଲ ପେଟ୍ରୋଲ ପମ୍ପ ପାଖରେ ଥିବା ଟାୟାର ଦୋକାନ ପାଖରେ ଏକ ହାଇୱା ଗାଡି ନମ୍ବର ଡ଼ଓ୦୩ଇଓ୯୫୧୩ ଗାଡି ଛିଡା ହୋଇଥିବା ସମୟରେ ପଛପଟୁ ଧକ୍କା ହୋଇଥିଲେ । ଘଟଣାସ୍ଥଳରେ ବଡଗୁର୍ଜିଭଟା ଗାଁର ହୃଷିକେଶ ମାଝୀ(୪୫)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଥିଲା । ଜନସାଧାରଣ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ହୋଇଥିବା ବ୍ୟକ୍ତିଙ୍କୁ ଖପ୍ରାଖୋଲ ଡାକ୍ତରଖାନାକୁ ପଠାଇଥିଲେ । ଅନ୍ୟ ମୃତ ବ୍ୟକ୍ତିଙ୍କ ଶରୀରକୁ ଖପ୍ରାଖୋଲ ପୋଲିସ ଜବତ କରି ଶବବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିବା ସୂଚନା ମିଳିଛି। ମୃତ ବ୍ୟକ୍ତିଙ୍କ ପରିବାର ସମସ୍ତେ ବାହାର ରାଜ୍ୟ ହାଇଦ୍ରାବାଦକୁ ଦାଦନ ଶ୍ରମିକ ଭାବେ କାମ କରିଯାଇଥିବା ସୂଚନା ମିଳିଛି ।

# ରକ୍ତଦାନ କରି ମାନବିକତାର ପରିଚୟ ଦେଲେ ମୁସଲିମ୍ ଯୁବତୀ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଗତକାଲି ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତଦାନ କରି ମାନବିକତାର ପରିଚୟ ଦେଲେ ମୁସଲିମ ମହିଳା। ଘଟଣା କ୍ରମେ ଗତକାଲି ଶୁକ୍ରବାର ଦିନ ସାଂସଦଙ୍କ ସ୍ୱାସ୍ଥ୍ୟ ବିଭାଗ ପ୍ରତିନିଧି ସ୍ୱରୂପ ପାତ୍ର ଖବର ପାଇ ବୀରମହାରାଜପୁର ଅଞ୍ଚଳର ଜଣେ ଅସହାୟ ରୋଗୀଙ୍କ ପାଇଁ ସୋସିଆଲ ମିଡିଆରେ ଏକ ଇ+ ଗ୍ରୁପ ରକ୍ତ ଜରୁରୀ ଆବଶ୍ୟକତା ପାଇଁ ପୋଷ୍ଟ କରିଥିଲେ। ସୋସିଆଲ ମିଡିଆରୁ ଦେଖି କିଛି ସମୟ ପରେ ରକ୍ତଦାନ ପାଇଁ ହଠାତ୍ ପହଞ୍ଚି ଯାଇଥିଲେ ସ୍ଥାନୀୟ ଅଞ୍ଚଳରେ ବସବାସ କରୁଥିବା ମୁସଲିମ ଯୁବତୀ ଜହର ବିବି। ବର୍ତ୍ତମାନ ରକ୍ତ ଭଣ୍ଡାରରେ ରକ୍ତ ର ବହୁଳ ଅଭାବ ରହିଥିବା ବେଳେ ଜହର ବିବି ରକ୍ତଦାନ କରି ଜଣେ ଅସହାୟ ମହିଳାଙ୍କ ଜୀବନ ବଞ୍ଚାଇ ଥିବାରୁ ସାଂସଦଙ୍କ ସ୍ୱାସ୍ଥ୍ୟ ବିଭାଗ ପ୍ରତିନିଧି ସ୍ୱରୂପ ପାତ୍ରଙ୍କ ସମେତ ସହରର ବୁଦ୍ଧିଜିବୀଙ୍କ ଠାରୁ ପ୍ରଶଂସା ସାଉଁଟିଛନ୍ତି ସମ୍ପୃକ୍ତ ମୁସଲିମ ଯୁବତୀ।

ଭୁବନେଶ୍ୱର, ୦୫ ଅପ୍ରେଲ, ରବିବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

### ପୁରୀବାସୀଙ୍କ ପାଇଁ ଖୁସି ଖବର

# ଅନ୍ତର୍ଜାତୀୟ ବିମାନବନ୍ଦରକୁ ଗ୍ରୀନ୍ ସିଗ୍ନାଲ୍

**ପୁରୀ ୦୪।୦୪**
**ନ୍ୟୁଜ ବ୍ୟୁରୋ**

ପୁରୀବାସୀଙ୍କ ପାଇଁ ଖୁସି ଖବର। ପୁରୀରେ ଅନ୍ତର୍ଜାତୀୟ ବିମାନ ବନ୍ଦର ନିର୍ମାଣ ପାଇଁ ଆଉ ପାଦେ ଆଗେଇଲା। ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ଜଙ୍ଗଲ ମଞ୍ଜୁରୀ ପ୍ରଦାନ କରିଛି ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ । ଓଡ଼ିଶାର ପୁରୀରେ ଶ୍ରୀ ଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ପାଇଁ ନୀତିଗତ (ଷ୍ଟେଜ୍-୧) ଜଙ୍ଗଲ ମଞ୍ଜୁରୀ ପ୍ରଦାନ କରାଯାଇଛି ।

ପୁରୀରେ ଅନ୍ତର୍ଜାତୀୟ ବିମାନ ବନ୍ଦର ନିର୍ମାଣ ପାଇଁ ରାଜ୍ୟ ସରକାର କିଛି ବର୍ଷ ତଳେ କେନ୍ଦ୍ରକୁ ପ୍ରସ୍ତାବ ଦେଇଥିଲେ। କିଛି ଦିନ ଧରି ଏଠାରେ ନିର୍ମାଣ ହେବା କିମ୍ବା ନହେବା ନେଇ ରାଜନୀତି ଜୋର ଧରିଥିଲା । ଏହାପରେ ରାଜ୍ୟରେ ସରକାର ପରିବର୍ତ୍ତନ ହେଲା, ନୂଆ ସରକାର କ୍ଷମତାକୁ ଆସିଲେ । ନୂଆ ସରକାର ପୁରୀରେ ବିମାନବନ୍ଦର ନିର୍ମାଣ କରିବା ସପକ୍ଷରେ ମଧ କାମ ଆରମ୍ଭ କରିଥିଲେ । ଏହିକ୍ରମରେ କିଛି ଦିନ ତଳେ ଅର୍ଥାତ୍ ୨୦୨୫ରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପୁରୀରେ ବିମାନବନ୍ଦର ନିର୍ମାଣ କରିବାକୁ ଗ୍ରୀନ୍ ସିଗ୍ନାଲ ଦେଇଥିଲା। ଯାହାଫଳରେ ବିମାନବନ୍ଦର ନିର୍ମାଣ ପାଇଁ ବାଟ ଫିଟିଥିଲା। ଆଉ ଏବେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ପାଇଁ ମଞ୍ଜୁରୀ ମିଳିଛି ।

ସୂଚନାଯୋଗ୍ୟ ଯେ, ୧୧୬୪ ଏକର ଜମି ଉପରେ ନିର୍ମାଣ ହେବ ପ୍ରସ୍ତାବିତ ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର । ସେଥିମଧ୍ୟରୁ ୯୪୩ ଏକର ସରକାରୀ ଜମି ଥିବା ବେଳେ ୨୨୧ ଏକର ଘରୋଇ ଜମି ରହିଛି। ଏହି ବିମାନବନ୍ଦର ନିର୍ମାଣ ହେବା ଦ୍ୱାରା ପୁରୀକୁ ଗମନାଗମନରେ ସୁବିଧା ହେବ। ଦୂରରୁ ଆସୁଥିବା ପର୍ଯ୍ୟଟକମାନେ ଏଣିକି ଭୁବନେଶ୍ୱର ପରିବର୍ତ୍ତେ ପୁରୀରେ ଓହ୍ଲାଇ ପାରିବେ ବୋଲି ସୂଚନା ମିଳିଛି।




କଟକ : ବୟସ ନିକଟରେ ନିଷ୍ଠା ଓ ପ୍ରତିବଦ୍ଧତା କଦାପି ହାର ମାନେନା। ଏହାକୁ ପ୍ରମାଣ କରି ଦେଖାଇଛନ୍ତି ୮୨ ବର୍ଷ ବୟସ୍କ ଡକ୍ଟର ଅଜିତ କୁମାର ବୋଷ। କଟକ କ୍ଲବ ପକ୍ଷରୁ ଆୟୋଜିତ ବାର୍ଷିକ ସନ୍ତରଣ ପ୍ରତିଯୋଗିତା ବରିଷ୍ଠ ନାଗରିକ ବର୍ଗରେ ଡକ୍ଟର ବୋଷ ଦ୍ୱିତୀୟ ପୁରସ୍କାର ଲାଭ କରିଛନ୍ତି। ଡକ୍ଟର ବୋଷ ଏହି ସନ୍ତରଣ ପ୍ରତିଯୋଗିତାରେ କ୍ରମାଗତଭାବେ ପୁରସ୍କୃତ ହୋଇ ଆସୁଛନ୍ତି। (ଫଟୋ : ସମ୍ବାଦ କଳିକା)

### ସମ୍ବଲପୁର ଆଇଆଇଏମର ୧୦ମ ଦୀକ୍ଷାନ୍ତ ସମାରୋହ

# ପାସ୍ ଆଉଟ ମଧ୍ୟରେ ୭୬% ଛାତ୍ରୀ



**ସମ୍ବଲପୁର, ୪/୪**
**ନ୍ୟୁଜ ବ୍ୟୁରୋ**

ସମ୍ବଲପୁର ଆଇଆଇଏମର ଗୋଶାଳା ସ୍ଥିତ କ୍ୟାମ୍ପସରେ ଶନିବାର ୧୦ମ ବାର୍ଷିକ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମହାମହିମ ରାଜ୍ୟପାଳ ଡ଼କ୍ଟର ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟପାଳ ଆଇଆଇଏମ ସମ୍ବଲପୁରର କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରିଥିଲେ । ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ, 'ଅଳ୍ପ ଦିନ ମଧ୍ୟରେ ସମ୍ବଲପୁର ଆଇଆଇଏମ୍ ଦେଶରେ ଖୁବ୍ ନାଁ କରିଛି। ସମ୍ବଲପୁର ଆଇଆଇଏମରୁ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀ ରାଷ୍ଟ୍ର ନିର୍ମାଣରେ ଭାଗିଦାରୀ ହୁଅନ୍ତୁ' ବୋଲି ମଧ ସେ କହିଛନ୍ତି। ଏହି ସମାବର୍ତ୍ତନ ଉତ୍ସବରେ ୪୧୬ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି। ଏହି ଅବସରରେ ୫ ଜଣ ଛାତ୍ରଛାତ୍ରୀଙ୍କୁ ପିଏଚଡି ଡିଗ୍ରୀ ପ୍ରଦାନ କରାଯାଇଥିବା ବେଳେ ୫ ଜଣ ଛାତ୍ରଛାତ୍ରୀଙ୍କୁ ୱର୍କିଙ୍ଗ ପ୍ରଫେସନାଲ ଭାବେ ଡିଗ୍ରୀ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଉ୍‌ବେ ଇଣ୍ଡିଆର ମ୍ୟାନେଜିଂ ଡାଇରେକ୍ଟର ପ୍ରତିଭା ମହାପାତ୍ର, ସମ୍ବଲପୁର ଆଇଆଇଏମ ବୋର୍ଡ ଗଭର୍ଣ୍ଣର ଅଧ୍ୟକ୍ଷ ପ୍ରଫେସର ଚନ୍ଦନ ଚୌଧୁରୀ ସମ୍ମାନୀତ ଅତଥି ଭାବେ ଯୋଗ ଦେଇଥିଲେ । ସେହିପରି ଆଇଆଇଏମ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେବ ପ୍ରସାଦ ଜୟସ୍ୱାଲଙ୍କ ସହ ଅନ୍ୟ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଏହି ଅବସରରେ ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ମହାଦେବ ପ୍ରସାଦ ଜୟସ୍ୱାଲ କହିଥିଲେ, ସମ୍ବଲପୁର ଆଇଆଇଏମରେ ଚଳିତ ବର୍ଷ ପାସ୍‌ଆଉଟ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ୭୬ % ଛାତ୍ରୀ ରହିଛନ୍ତି, ଯାହାକି ଦେଶର କୌଣସି ଆଇଆଇଏମରେ ଦେଖିବାକୁ ମିଳିନାହିଁ। ଆଗକୁ ସମ୍ବଲପୁର ଆଇଆଇଏମର କ୍ୟାମ୍ପସ ଡବଲ ହେବାକୁ ଯାଉଛି । ପୂର୍ବରୁ ସମ୍ବଲପୁର ଆଇଆଇଏମରେ ୧୨୦୦ ଛାତ୍ରଛାତ୍ରୀ ପଢୁଥିବା ବେଳେ ଆଗାମୀ ଶିକ୍ଷା ବର୍ଷରେ ଏହି ସଂଖ୍ୟା ୨୦୦୦କୁ ବୃଦ୍ଧି ପାଇବ ବୋଲି ସମ୍ବଲପୁର ଆଇଆଇଏମ ନିର୍ଦ୍ଦେଶକ ମହାଦେବ ପ୍ରସାଦ ଜୟସ୍ୱାଲ କହିଛନ୍ତି।

### କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳିତ

# ଛାତ୍ରଛାତ୍ରୀଙ୍କ ପାଇଁ ସେନ୍ ଗ୍ଲୋବ୍ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ବେଶ୍ ପ୍ରଶଂସନୀୟ

**ଭୁବନେଶ୍ୱର, ୪।୪ ନ୍ୟୁଜ ବ୍ୟୁରୋ**

କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍-'ସେନ୍ ଗ୍ଲୋବ' ପକ୍ଷରୁ ଶନିବାର ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ସ୍ୱତନ୍ତ୍ର ଛାତ୍ରଛାତ୍ରୀଙ୍କ ପାଇଁ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ସେନ୍ ଗ୍ଲୋବ୍ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ବେଶ୍ ପ୍ରଶଂସନୀୟ। ଏଭଳି ସ୍ୱତନ୍ତ୍ର ଛାତ୍ରଛାତ୍ରୀଙ୍କ ବିକାଶରେ ହିଁ ରାଷ୍ଟ୍ରର ସାମଗ୍ରିକ ବିକାଶ ସମ୍ଭବ ହୋଇପାରିବ। ଏହା ଏକ ରୋଗ ନୁହେଁ ବରଂ ଏକ ଅବସ୍ଥା ବୋଲି କୁହାଯାଇପାରେ। ତେବେ ସେମାନଙ୍କଠାରେ ଅନେକ ଅନ୍ତର୍ନିହିତ ଗୁଣ ଲୁକ୍କାୟିତ ଭାବେ ରହିଛି। ସମସ୍ତଙ୍କର ମିଳିତ ସହଯୋଗ ରହିଲେ ସେମାନଙ୍କ ଏହି ଗୁଣର ପରିପ୍ରକାଶ ହୋଇପାରିବ। ଏଥିପାଇଁ ଯଥେଷ୍ଟ ଜନ ସଚେତନତାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଥିଲେ। ସେମାନଙ୍କ ବିକାଶ ଦିଗରେ ରାଜ୍ୟ ସରକାର ମଧ ଅନେକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସେମାନେ ଯେଉଁଳି ସମାଜରେ ସମାନ ଭାବେ ଚଳିବେ ଓ ସେମାନଙ୍କୁ ସମାନ ସମ୍ମାନ ଓ ଅଧିକାର ମିଳିବ ସେଥିପାଇଁ ପ୍ରତ୍ୟେକ ନାଗରିକ ସଚେତନ ହେବା ଆବଶ୍ୟକ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଯୋଗଦେଇ କହିଲେ, ଏହି ସ୍ୱତନ୍ତ୍ର ପିଲାଙ୍କ ବିକାଶ ଲାଗି ସମୟ ଓ ଧୈର୍ଯ୍ୟ ନିହାତି ଆବଶ୍ୟକ। ସେନ୍ ଗ୍ଲୋବ୍‌ରେ ସେମାନଙ୍କ ଯତ୍ନ ନେଉଥିବା କର୍ମଚାରୀ ଓ ଶିକ୍ଷକଙ୍କ ସେମାନଙ୍କ ନିଷ୍ଠା ପାଇଁ ଡ. ସାମନ୍ତ ଧନ୍ୟବାଦ ଜଣାଇଥିଲେ। ଏହି ପିଲାଙ୍କୁ ଯେତେ ସମୟ ଓ ଧୈର୍ଯ୍ୟ ଦେବେ ସେହି ଅନୁସାରେ ସେମାନଙ୍କଠାରେ ଉନ୍ନତି ପରିଲକ୍ଷିତ ହେବ । କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ସହ ସେନ୍ ଗ୍ଲୋବ୍ ମିଶି କାମ କରୁଥିବାରୁ ଏହି ପିଲାଙ୍କୁ ଅଧିକ ଏକ୍ସପୋଜର ମିଳି ପାରୁଛି ବୋଲି ଡ. ସାମନ୍ତ କହିଥିଲେ।

ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନାଲିସା ବଳ କହିଲେ, ଗତ ୧୨ ବର୍ଷ ଧରି କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ସେନ୍ ଗ୍ଲୋବ୍ ଅତି ନିଷ୍ଠାର ପରିଚାଳନା ହେଉଛି। ଇତି ମଧ୍ୟରେ ତିନିଜଣ ସ୍ୱତନ୍ତ୍ର ଛାତ୍ରଛାତ୍ରୀଙ୍କ ମାନସିକ ଅବସ୍ଥାରେ ପରିବର୍ତ୍ତନ ପରେ ସେମାନଙ୍କୁ ସାଧାରଣ ସ୍କୁଲ୍‌ରେ ଅନ୍ୟ ପିଲାଙ୍କ ସହ ପାଠ ପଢ଼ିବାରେ ସକ୍ଷମ ହୋଇପାରିଥିବା ଡ. ବଳ ସୂଚନା ଦେଇଥିଲେ। ସ୍କୁଲ୍‌ର ଅଧ୍ୟକ୍ଷ ଡ.ସଞ୍ଜୟ ସୁଆର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍-ସେନ୍ ଗ୍ଲୋବର ୱେବ୍‌ସାଇଟ୍ ଉନ୍ମୋଚନ ହେବା ସହ ସେନ୍ ଗ୍ଲୋବ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



# ପଞ୍ଚାୟତ ନିର୍ବାଚନ ପୂର୍ବରୁ ପ୍ରତି ଜିଲ୍ଲା ବୁଲିବେ ନବୀନ

**ଭୁବନେଶ୍ୱର, ୦୪/୦୪**
**ନ୍ୟୁଜ ବ୍ୟୁରୋ**

ପଞ୍ଚାୟତ ନିର୍ବାଚନ ପୂର୍ବରୁ ପ୍ରତି ଜିଲ୍ଲା ବୁଲିବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଅକ୍ଟୋବର ଓ ନଭେମ୍ବରରେ ଜିଲ୍ଲା ବୁଲିବେ ଶ୍ରୀ ପଟ୍ଟନାୟକ। ବିଧାୟକମାନଙ୍କ ସହ ବି ଏନେଇ ଶ୍ରୀ ପଟ୍ଟନାୟକ ଆଲୋଚନା କରିଛନ୍ତି। ଏନେଇ ବିଜେଡି ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ସୂଚନା ଦେଇଛନ୍ତି। ବିଜେଡି ବିଧାୟକ କହିଛନ୍ତି ଯେ, ଦଳ ଛାଡ଼ିଥିବା ନେତା ଆଗକୁ ପୁଣି ଫେରିବେ। ସାଧାରଣ ନିର୍ବାଚନରେ ବିଜେଡି ଠାରୁ ଦୂରେଇ ଯାଇଥିବା ଲୋକଙ୍କୁ ଫେରାଇ ଆଣିବା ପାଇଁ ଉଦ୍ୟମ ହେଉଛି। ବିଜେଡି ସପକ୍ଷରେ ନିର୍ବାଚନ କେମିତି ଯିବ ସେନେଇ କାମ ଆରମ୍ଭ ହେଲାଣି। ଦଳୀୟ ବିଧାୟକଙ୍କ ଠାରୁ ଆରମ୍ଭ କରି ହାରିଥିବା ନେତା ମଧ କାମ ଆରମ୍ଭ କରିଦେଲେଣି। ପଞ୍ଚାୟତ ସ୍ତରରେ ଯେଉଁମାନେ ଦୁର୍ନୀତି କରିଛନ୍ତି, ଲୋଭ ଓ ଲାଭରେ ଅଛନ୍ତି ସେମାନେ ଦଳ ଛାଡୁଛନ୍ତି। ଯେଉଁମାନେ ଲୋକଙ୍କ ପାଇଁ କାମ କରୁଛନ୍ତି ସେମାନେ ଦଳ ସହିତ ଅଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**
ତାରିଖ :-04/04/2026
୬,୫୫,୩୪୨/- ଟଙ୍କା
ସୁନା:-୦୪ଗ୍ରାମ୍୭୦୦ ମିଲିଗ୍ରାମ
ରୂପା:-୧୩ଗ୍ରାମ୍୩୦୦ ମିଲିଗ୍ରାମ

# ରୋମାନିଆରେ କିସ୍ ଛାତ୍ରଛାତ୍ରୀ : ପ୍ରଥମ ଥର ପାଇଁ ବିଦେଶୀ ମାଟିରେ ପରିବେଷଣ ହେଲା ଓଡ଼ିଶାର ଆଦିବାସୀ ସାନ୍ତାଳୀ ନୃତ୍ୟ




**ଭୁବନେଶ୍ୱର, ୦୪।୦୪**
**ନ୍ୟୁଜ ବ୍ୟୁରୋ**

କିସ୍‌ର ଦଶ ଜଣ ଛାତ୍ରଛାତ୍ରୀ ଏକ ଅନ୍ତର୍ଜାତୀୟ ସାଂସ୍କୃତିକ ମହୋତ୍ସବରେ ଅଂଶଗ୍ରହଣ କରିବା ପାଇଁ ରୋମାନିଆ ଗସ୍ତରେ ଅଛନ୍ତି । ସେଠାରେ ସେମାନେ ଓଡ଼ିଶାର ଆଦିବାସୀ ଭାଷାରେ ସେକ୍ସପିଅରଙ୍କ ନାଟକ ପରିବେଷଣ କରିବେ।

ବିଦେଶରେ ସାନ୍ତାଳୀ ନୃତ୍ୟ ପରିବେଷଣ କରିବା କିସ୍ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଥମ। ପୂର୍ବରୁ କିସ୍ ଛାତ୍ରଛାତ୍ରୀମାନେ ମୁଖ୍ୟତଃ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ବିଦେଶ ଗସ୍ତ କରୁଥିଲେ। ଏବେ ସେମାନେ ଆଦିବାସୀ ନୃତ୍ୟ ପ୍ରଦର୍ଶନ ଏବଂ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ପାଇଁ ରୋମାନିଆ ଭଳି ୟୁରୋପୀୟ ଦେଶ ଗସ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୩୦ଟି ଦେଶର ପ୍ରାୟ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। କିସ୍ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନକୁ ସେଠାରେ ଉଚ୍ଚ ପ୍ରଶଂସା କରାଯାଇଛି।

ପ୍ରଥମେ ସେମାନେ ରୋମାନିଆର କ୍ରାୟୋଭା ବିଶ୍ୱବିଦ୍ୟାଳୟରେ ପହଞ୍ଚିବା ପରେ ରୋମାନିଆରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ଡ. ମନୋଜ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେମାନେ ସେଠାରେ ରହିବା ସହ କ୍ରାୟୋଭା ବିଶ୍ୱବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହା ବ୍ୟତୀତ ସେଠାରେ ସେମାନେ ଆଦିବାସୀ ସାନ୍ତାଳୀ ନୃତ୍ୟ ପ୍ରଦର୍ଶନ ସହ ସାଂସ୍କୃତିକ ବିନିମୟ କରିଥିଲେ।

ଏରାସମସ୍ ଷ୍ଟୁଡେଣ୍ଟ ମୋବିଲିଟି କାର୍ଯ୍ୟକ୍ରମ ସହାୟତାରେ କିସ୍‌ର ଛାତ୍ରଛାତ୍ରୀମାନେ ଏହି ଦୁଇ ମାସିଆ ଶୈକ୍ଷିକ ଓ ସାଂସ୍କୃତିକ ଇଣ୍ଟର୍ନସିପ୍‌ରେ ଅଂଶଗ୍ରହଣ କରିଛନ୍ତି। କିସ୍ ଛାତ୍ରଛାତ୍ରୀଙ୍କ ସହ କିଟ୍‌ର ୧୦ ଜଣ ଛାତ୍ରଛାତ୍ରୀ ମଧ ଏହି ଗସ୍ତରେ ଅଛନ୍ତି। ପ୍ରଥମ ଥର ପାଇଁ କିଟ୍ ଓ କିସ୍ ଛାତ୍ରଛାତ୍ରୀମାନେ ଏକାଠି ରୋମାନିଆ ଭଳି ଏକ ୟୁରୋପୀୟ ଦେଶରେ ଏଭଳି କାର୍ଯ୍ୟକ୍ରମରେ ସାମିଲ୍ ହୋଇଛନ୍ତି। ସେଠାରେ ସେମାନେ ୨ ମାସ କାଳ ରହିବେ। ସେଠାରେ ସେମାନେ ଓଡ଼ିଶାର ଜନଜାତି ଭାଷାରେ ପ୍ରଖ୍ୟାତ ନାଟ୍ୟକାର ସେକ୍‌ସପିଅରଙ୍କ ନାଟକ ପରିବେଷଣ କରିବେ। ପ୍ରଥମ ଥର ପାଇଁ କୌଣସି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଏକ ଅନ୍ତର୍ଜାତୀୟ ମଞ୍ଚରେ ଆଦିବାସୀ ଭାଷାରେ ସେକ୍ସପିୟରଙ୍କ ନାଟକ ପରିବେଷଣ କରିବେ। ଏହା କିସ୍, ଜନଜାତି ସମାଜ ଓ ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କୁହାଯାଉଛି।

ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଉଭୟ କିଟ୍ ଓ କିସ୍‌ର ଛାତ୍ରଛାତ୍ରୀମାନେ ଏକାଠି ରୋମିଓ-ଜୁଲିଏଟ୍, ମ୍ୟାକବେଥ୍-ହାମଲେଟ୍ ଉପରେ ସେକ୍ସପିୟରଙ୍କ ଲିଖିତ ସାନ୍ତାଳୀ ଭାଷାରେ ଅଭିନୟ କରିବେ। ସାନ୍ତାଳୀ ଭାଷା ଓଲ୍ ଚିକି ଲିପି ସଂପ୍ରତି ୧୦୦ ବର୍ଷ ପୂରଣ କରିଛି। ଏହା ସହିତ ଛାତ୍ରଛାତ୍ରୀମାନେ ରୋମାନିଆନ୍ ସଂସ୍କୃତି ଓ ଭାଷା ଉପରେ ପାଠ୍ୟକ୍ରମ ପାଇଁ ଏକ ପ୍ରମାଣପତ୍ର ପାଇବେ। ଏଥିରେ ଖୁସିବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଛନ୍ତି, କିସ୍ ଛାତ୍ରଛାତ୍ରୀମାନେ ପୂର୍ବରୁ କ୍ରୀଡ଼ା ଓ ଶିକ୍ଷା ଆଦି କ୍ଷେତ୍ରରେ ଦେଶ ବିଦେଶ ଯାଇ ସୁନାମ ଆଣୁଥିଲେ। ଏବେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଅନ୍ତର୍ଜାତୀୟସ୍ତରରେ ସୁନାମ ଆଣିବେ। ଏହା ସମସ୍ତଙ୍କ ପାଇଁ ଖୁସିର ବିଷୟ।

# ବାଇକ୍‌କୁ ଧକ୍କାଦେଲା ଟ୍ରାକ୍ଟର :୨ ମୃତ

**ଧାମନଗର, ୪/୪ ନ୍ୟୁଜ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମନଗର ବିଜ୍ଞାପିତ ଅଞ୍ଚଳ ଭଣ୍ଡାରିପଦୀ ଛକ ମୁଖ୍ୟ ରାସ୍ତାରେ ଶନିବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଫଳରେ ୨ ଜଣଙ୍କ ଜୀବନ ଚାଲିଯାଇଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ୨ ଜଣ ବାଇକ୍‌ରେ ଭଦ୍ରକରୁ ଘରକୁ ଫେରୁଥିବାବେଳେ ଏକ ଟ୍ରାକ୍ଟର ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସମସ୍ତଙ୍କୁ ଧାମନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ଭଦ୍ରକ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ତେବେ ଡାକ୍ତର ସେଠାରେ ସେକ ଅର୍ମାନ ଓ ସେକ ଆଜମେରଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଜଣେ ଗୁରୁତର ଥିବା ସେକ ସାବିରଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଟ୍ରାକ୍ଟର ଡ୍ରାଇଭର ଫେରାର ଅଛନ୍ତି।




**ସଂଗ୍ରହ କରନ୍ତୁ! ସଂଗ୍ରହ କରନ୍ତୁ!**
ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।
ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ରୋଗୀଙ୍କ ସେବାରେ ଲାଗୁନି କ୍ୟାପିଟାଲ ହସ୍ପିଟାଲର ଟ୍ରମା କେୟାର ସେଣ୍ଟର

**ଭୁବନେଶ୍ୱର, ୪/୪ ନ୍ୟୁଜ ବ୍ୟୁରୋ**

କୋଟି କୋଟି ଟଙ୍କା ବ୍ୟୟ କରାଯାଇ କ୍ୟାପିଟାଲ ହସ୍ପିଟାଲ ପରିସରରେ ନିର୍ମାଣ ହେଲା ଅତ୍ୟାଧୁନିକ ଟ୍ରମା କେୟାର ସେଣ୍ଟର। ହେଲେ ଉଦ୍‌ଘାଟନ ହେଉନି କି ରୋଗୀଙ୍କ ସେବାରେ ଆସୁନି । ବିଶାଳ ଅଟ୍ଟାଳିକାରେ ଝୁଲୁଛି ତାଲା। ଫଳରେ ଗୁରୁତର ରୋଗୀଙ୍କୁ କଟକ ବଡ଼ ମେଡିକାଲକୁ ରେଫର୍ କରାଯାଉଛି। ରାଜଧାନୀର ଛାତି ଉପରେ କ୍ୟାପିଟାଲ ହସ୍ପିଟାଲ ପରିସରରେ ଛିଡ଼ା ହୋଇଛି ବିଶାଳ କୋଠା। କିନ୍ତୁ ଏହି ଅଟ୍ଟାଳିକା ଭିତରେ ସେବା ମିଳୁନି । ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ୍ ଜରିଆରେ ୨୦୦ କୋଟିରୁ ଅଧିକ ଟଙ୍କାରେ ନିର୍ମିତ ଏହି ଟ୍ରମା କେୟାର ସେଣ୍ଟର ପ୍ରାୟ ଦୁଇ ବର୍ଷ ହେଲା ପ୍ରସ୍ତୁତ ହୋଇ ରହିଛି। ପୂର୍ତ୍ତ ବିଭାଗ ଏହାର କାମ ବି ଶେଷ କରି ସାରିଲାଣି। ଭିତରେ ଦାମୀ ମେସିନ୍ ସବୁ ଖଞ୍ଜା ହୋଇଛି। କିନ୍ତୁ ବର୍ଷ ପରେ ବର୍ଷ ଗଡୁଥିଲେ ବି ଉଦ୍‌ଘାଟନ ହୋଇ ପାରୁନି ଟ୍ରମା କେୟାର ସେଣ୍ଟର। ପ୍ରତିଦିନ କ୍ୟାପିଟାଲ ହସ୍ପିଟାଲ୍ ଜରୁରୀକାଳୀନ ବିଭାଗକୁ ୧୦୦ରୁ ଅଧିକ ଗୁରୁତର ରୋଗୀ ଆସିଥାନ୍ତି। ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥାଏ। ହେଲେ ଆସୁଥିବା ଗୁରୁତର ରୋଗୀଙ୍କୁ କେବଳ ପ୍ରାଥମିକ ଚିକିତ୍ସା କରି କଟକ ପଠାଇ ଦିଆଯାଉଛି। ତେବେ ଗତବର୍ଷ ଅଗଷ୍ଟ ମାସରେ ଟ୍ରମା କେୟାର ସେଣ୍ଟରର ଲୋକାର୍ପଣ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ। କିନ୍ତୁ ଏବେବି ଝୁଲୁଛି ତାଲା। ଅନ୍ୟପଟେ ଟ୍ରମା କେୟାରକୁ ଏଯାଏଁ ମିଳିନି ପରିବେଶ ମଞ୍ଜୁରି। ଅପରପକ୍ଷରେ ଦକ୍ଷ ଅଭିଜ୍ଞ ଚିକିତ୍ସକଙ୍କ ଅଭାବରୁ ଖୋଲି ପାରୁନି ଏହି ସେଣ୍ଟର। ଯାହାକୁ ନେଇ ଅସନ୍ତୋଷ ବଢୁଛି।




### ସମସ୍ତ ଦୋକାନୀ ଓ ବାଣିଜ୍ୟିକ ପ୍ରତିଷ୍ଠାନ ମାଲିକଙ୍କୁ ଶ୍ରମ ବିଭାଗର କଡ଼ା ନିର୍ଦ୍ଦେଶ

# ଶୁଦ୍ଧ ଓଡ଼ିଆ ଭାଷାରେ ଲେଖାହେବ ନାମଫଳକ

**ଭୁବନେଶ୍ୱର, ୦୪/୦୪**
**ନ୍ୟୁଜ ବ୍ୟୁରୋ**

ଶୁଦ୍ଧ ଓଡ଼ିଆ ଭାଷାରେ ଲେଖାହେବ ଦୋକାନ ଏବଂ ବାଣିଜ୍ୟ ପ୍ରତିଷ୍ଠାନର ନାମ। ନଲେଖିଲେ ଆଇନ ଅନୁଯାୟୀ ହେବେ ଦଣ୍ଡିତ। ଲୋୟର୍ ପିଏମଜିରେ ଓଡ଼ିଆ ପକ୍ଷ ୨୦୨୬ ପାଳନ ଅବସରରେ ଶ୍ରମ ବିଭାଗ ପକ୍ଷରୁ ସମସ୍ତ ଦୋକାନୀ ଓ ବାଣିଜ୍ୟିକ ପ୍ରତିଷ୍ଠାନ ମାଲିକଙ୍କୁ କଡ଼ା ବାର୍ତ୍ତା ଦିଆଯାଇଛି। ଏନେଇ ଭୁବନେଶ୍ୱରରେ ସଚେତନ ରଥ ବାହାରିବା ସହ ବିଭାଗ ପକ୍ଷରୁ ପଦଯାତ୍ରା ଆୟୋଜନ ହୋଇଛି। ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ ଅନୁଯାୟୀ ଓଡ଼ିଆରେ ନାମ ଲେଖିବା ବାଧ୍ୟତାମୂଳକ। ଯଦି କୌଣସି ଦୋକାନ ଏବଂ ବାଣିଜ୍ୟ ପ୍ରତିଷ୍ଠାନ ଓଡ଼ିଆରେ ନାମଫଳକ ନଲେଖନ୍ତି, ତେବେ ସେହି ପ୍ରତିଷ୍ଠାନର ମାଲିକଙ୍କୁ ପ୍ରଥମଥର ନିୟମ ଉଲ୍ଲଙ୍ଘନ ପାଇଁ ଅତି କମ୍‌ରେ ୫,୦୦୦ ଟଙ୍କାରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ। ଦ୍ୱିତୀୟ କିମ୍ବା ପରବର୍ତ୍ତୀ ଉଲ୍ଲଂଘନ ପାଇଁ ଅତିକମ୍‌ରେ ୧୦,୦୦୦ ଟଙ୍କାରୁ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ। ଯଦି କୌଣସି ପ୍ରତିଷ୍ଠାନରେ ଏହିଭଳି ନାମ ଫଳକ ସ୍ପଷ୍ଟ ଭାବେ ଲେଖା ହୋଇନଥିବ ତେବେ ଯେକେହି ବି ତୁରନ୍ତ ସ୍ଥାନୀୟ ଶ୍ରମ ଅଧିକାରୀ କିମ୍ବା ଶ୍ରମ କାର୍ଯ୍ୟାଳୟରେ ଅଭିଯୋଗ ଦାଖଲ କରିବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି। ଭୁବନେଶ୍ୱରରେ ୮ଟି ଦଳ ନିୟମ ଉଲ୍ଲଙ୍ଘନକାରୀଙ୍କୁ ଧରିବେ। ସେହିଭଳି ଓଡ଼ିଶାର ସବୁ ଜିଲ୍ଲାରେ ସ୍କ୍ୱାଡ୍ ରହିବେ ବୋଲି ଶ୍ରମ କମିଶନର କହିଛନ୍ତି। ଗତବର୍ଷ ୫ ଶହ ଦୋକାନୀଙ୍କୁ ଦଣ୍ଡିତ କରାଯାଇଥିବା କହିଛନ୍ତି ଶ୍ରମ କମିଶନର। ତେବେ ଆଇ ଲଭ୍ ଭୁବନେଶ୍ୱର ଓ ଶିଶୁ ଭବନ ଛକରେ ଥିବା ଏକାମ୍ର କ୍ଷେତ୍ରକୁ ଓଡ଼ିଆରେ ଲେଖିବା ପାଇଁ ବିଏମସି ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗକୁ ଜଣାଇବେ ବୋଲି କହିଛନ୍ତି। ଓଡ଼ିଆ ଭାଷା ଏକ ପ୍ରାଚୀନ ଓ ସମୃଦ୍ଧ ଭାଷା। ଏହାର ପ୍ରଚାର ଓ ପ୍ରସାର ପାଇଁ ରାଜ୍ୟବ୍ୟାପୀ ସମସ୍ତ ଦୋକାନ ଏବଂ ବାଣିଜ୍ୟ ପ୍ରତିଷ୍ଠାନଗୁଡ଼ିକରେ ଓଡ଼ିଆରେ ନାମ ଫଳକ ଲେଖିବାକୁ ରାଜ୍ୟ ସରକାର ଆହ୍ୱାନ ଦେଉଛନ୍ତି।

